ସାପ୍ତାହିକ
ସ୍ୱୀକାର
Postal Regd. No.: SBP/14/2025-2027
The Sweeker ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 47 | 23 - 29 November 2025 | Sambalpur | Pages- 8 | Invitation Price Rs.10

# ବେଦାନ୍ତର ଲୋଲୁପ ଦୃଷ୍ଟିରେ କୁଡାଲୋଇ (କ) ଉତ୍ତର କୋଇଲା ଖଣି !

## ■ ଜନଶୁଣାଣୀବେଳେ ଗ୍ରାମବାସୀଙ୍କ ତୀବ୍ର ବିରୋଧ
## ■ ଚିଠା ବିବରଣୀରେ ଭ୍ରମାତ୍ମକ ତଥ୍ୟ ଦର୍ଶାଯାଇଛି: ଗ୍ରାମବାସୀ

ସମ୍ବଲପୁର : ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ବଞ୍ଜାରୀ ଓ କୁଡାଲୋଇ ଗ୍ରାମରେ କୁଡାଲୋଇ (କ) ଉତ୍ତର କୋଇଲା ଖଣିକୁ ବେଦାନ୍ତ କମ୍ପାନୀକୁ ଲିଜ୍ ଦେବା ପାଇଁ ହୋଇଥିବା ଜନଶୁଣାଣିରେ ଗ୍ରାମବାସୀମାନେ ତୀବ୍ର ବିରୋଧ କରିଛନ୍ତି । ଝାରସୁଗୁଡ଼ାରେ ବେଦାନ୍ତ କାରଖାନା ଜଳ, ଜମି ଓ ଜଙ୍ଗଲ ସାଙ୍ଗକୁ ପରିବେଶ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦେଇଥିବା ବେଳେ ଏଠାରେ ତା'ର ପୁନରାବୃତ୍ତି ହେବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀମାନଙ୍କ ପକ୍ଷରୁ ଗ୍ରାମସଭାରେ ରୋକଠୋକ୍ ଶୁଣାଇ ଦିଆଯାଇଛି । ହଜାର ହଜାର କୋଟି ଟଙ୍କା ରାଜସ୍ୱ ଦେଉ ନ ଥିବା ବେଦାନ୍ତ କାରଖାନା ସରକାରୀ ଆଇନ କାନୁନର ଖୋଲାଖୋଲି ଉଲ୍ଲଂଘନ କରୁଥିବା ବେଳେ କୁଡାଲୋଇ (କ) ଉତ୍ତର ଖଣିରେ ବିସ୍ଥାପିତ ଲୋକମାନଙ୍କ ପାଇଁ ଯେ ତାହା ଲାଗୁ ନ କରିବ ବୋଲି ଗ୍ରାମବାସୀମାନେ ସନ୍ଦେହ ପ୍ରକାଶ କରି ଏହି ପ୍ରକଳ୍ପ ପାଇଁ କେହି ଜମି ଦେବେ ନାହିଁ ବୋଲି କହିଛନ୍ତି ।

ବଞ୍ଜାରୀ ଗ୍ରାମରେ ଗତ ୧୭ ତାରିଖ ଦିନ ହୋଇଥିବା ଜନଶୁଣାଣିରେ କ୍ରିୟାନୁଷ୍ଠାନ କମିଟୀର ସଭାପତି ଦେଶବନ୍ଧୁ ଭରତ ସିଂ, ଟିକେଶ୍ୱର ପଧାନ, କରୁଣାକର ପଧାନ, ପୁରନ୍ଦର ପଧାନ, ସୁଶୀଳା ସୁହୁଲା, ଶାନ୍ତି ଷଣ୍ଢ, ପଦ୍ମାବତୀ ଭୋଇ ଓ ସାହୁ ମୁଣ୍ଡା ପ୍ରମୁଖ ଅଂଶଗ୍ରହଣ କରି ୨୦୨୦ ମସିହାରେ କୁଡାଲୋଇ (କ) ଉତ୍ତର



ପୂର୍ବ କୋଇଲା ଖଣିକୁ ବେଦାନ୍ତ କମ୍ପାନୀକୁ ଲିଜ୍ ଦିଆଯିବା ଘଟଣା ଜଣା ପଡିବା ପରେ ସ୍ଥାନୀୟ ଅଧିବାସୀମାନେ ତାର ତୀବ୍ର ବିରୋଧ କରିଥିଲେ । ତେବେ ଗତ ୨୦୨୩ ମସିହା ଅଗଷ୍ଟ ୧ ତାରିଖରେ ହୋଇଥିବା ଜନଶୁଣାଣିରେ କମ୍ପାନୀ ବାହାରୁ ଲୋକ ଆଣି ଜନଶୁଣାଣିରେ ବସାଇଥିବା ବେଳେ ପ୍ରକୃତ କ୍ଷତିଗ୍ରସ୍ତ ଗ୍ରାମବାସୀମାନଙ୍କୁ ପୋଲିସ୍ ଓ ଗୁଣ୍ଡାମାନଙ୍କ ଦ୍ୱାରା ବାହାରେ ଅଟକାଇ ଦେଇଥିଲେ । ଏହି ଜନଶୁଣାଣି ସମ୍ପୂର୍ଣ୍ଣ ବେଆଇନ୍ ବୋଲି ସେମାନେ କହିଥିଲେ । ସେହିପରି ସାମାଜିକ କର୍ମୀ ଗୋପୀନାଥ ଭୋଇ ଓ ବିରଞ୍ଚି ସାହୁ ମଧ ବେଦାନ୍ତର ଏହି ପ୍ରକଳ୍ପ ପାଇଁ ଗ୍ରାମବାସୀମାନେ ଜମି ଦେବେ ନାହିଁ ବୋଲି କହିଛନ୍ତି ।

ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦିଆ ଯାଇଥିବା ଏକ ସ୍ମାରକପତ୍ରରେ ବଂଜାରୀ ଓ କୁଡ଼ାଲୋଇର ପଡ଼ାଗ୍ରାମ ପରଧିଆଡ଼େରା (ଗଣ୍ଡପଡ଼ା) କିସାନପଡ଼ା ଓ ମୁଣ୍ଡାପଡ଼ା (ୱାର୍ଡ ନଂ-୧)ର ଲୋକମାନେ ବେଦାନ୍ତ ଘରୋଇ କମ୍ପାନୀର ବ୍ୟବସାୟିକ କୋଇଲା ଖଣି ନିମନ୍ତେ ବଂଜାରୀ ଓ କୁଡାଲୋଇ ଗ୍ରାମର ବେସରକାରୀ ଜମି (ରୟତି) ଭୁବନେଶ୍ୱରର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଦ୍ୱାରା ଜମି ପ୍ରକ୍ରିୟାର ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ ଯାହାକି କରାଯାଇ ତାର ଯେଉଁ ବିବରଣୀ ପ୍ରକାଶ କରାଯାଇଅଛି ତାକୁ ଦୃଢ଼ ଭାବରେ ବିରୋଧ କରିଛନ୍ତି । ଏହି ରିପୋର୍ଟ ବାସ୍ତବତା ଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ । ଯେଉଁ କେତେକ ତଥ୍ୟ ସରକାରୀ ସ୍ତରକୁ ଆଧାରକରି ଉକ୍ତ ଚିଠା ବିବରଣୀରେ ଉଲ୍ଲେଖ ରହିଛି ତା'ବ୍ୟତୀତ ଅନ୍ୟସବୁ ଭୁଲ ତଥ୍ୟ ଗୁଡିକ ଉପସ୍ଥାପନ କରାଯାଇ ଥିବାରୁ ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ।

ସ୍ମାରକପତ୍ରରେ କୁହାଯାଇଛି ଯେ, ଗ୍ରାମମାନଙ୍କରେ ଥିବା ସାମୁହିକ ସଂପଦ ଗୁଡିକ ତାଲିକାଭୁକ୍ତ ହୋଇନାହିଁ । ବଂଜାରୀ ଗ୍ରାମରେ ରହିଥିବା ଜଳାଶୟ, ଜଳସେଚନ ପାଇଁ ୯ଟି ଏମ୍.ଆଇ.ପି, ଚିରସ୍ରୋତା, ଲିଲାରୀନାଳା, ଖାଉଡୁଘୋଇ, ବ୍ୟକ୍ତିଗତ କୁଅ, ବିଭିନ୍ନ ଜାତି ସଂପ୍ରଦାୟର ଶ୍ମଶାନପଦା, ମନ୍ଦିର, ଗ୍ରାମ୍ୟ ଜଙ୍ଗଲ, ଗୋଚର ଓ ପତିତ ଜମି, ରାସ୍ତାଘାଟ ଇତ୍ୟାଦିକୁ ସଂପୂର୍ଣ୍ଣ ବାଦ୍ ଦିଆଯାଇ ଗାଁରେ ନ ଥିବା ଜିନିଷ ଗୁଡିକ ଉଲ୍ଲେଖ କରାଯାଇଛି ।

ସର୍ବେକ୍ଷଣ ସମୟରେ ଗ୍ରାମସଭା ୱାର୍ଡସଭା, ଦଳଗତ ଓ ବ୍ୟକ୍ତିଗତ ଆଲୋଚନା ମାଧମରେ ଲୋକଙ୍କ ଠାରୁ ତାଙ୍କର ଜମି ଅଧିଗ୍ରହଣ ବିଷୟରେ ମତ ନେବା ପରିବର୍ତ୍ତେ କେବଳ କିଛି ବ୍ୟକ୍ତି ବିଶେଷକୁ ପ୍ରଲୋଭିତ ଓ ପ୍ରଭାବିତ କରି ବୁଲେଇ ବଙ୍କେଇ ଅଯଥା ପ୍ରଶ୍ନ କରି ଜମି ଅଧିଗ୍ରହଣ ମତ ସଂଗ୍ରହ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇଛି କି ଗତ ୨.୧୧.୨୫ ରିଖ ଜମି ଅଧିଗ୍ରହଣ ବିରୁଦ୍ଧରେ ଜୟବୁଡ଼ିଆ ଗ୍ରାମରେ ହୋଇଥିବା ଗ୍ରାମସଭାର ଫଟୋ ଚିତ୍ରକୁ ଅସତ ଉପାୟରେ ଭୁଲ ଚିତ୍ରଣ କରି କୁଡ଼ାଲୋଇରେ ସଂପ୍ରଦାୟ ସଭା ଓ ଆଲୋଚନା ଏବଂ ବଂଜାରୀରେ ସଂପ୍ରଦାୟସଭା ଓ ଗୋଷ୍ଠୀ ଆଲୋଚନା ଆଖ୍ୟା ଦେଇ ଦୁଇଟି ଚିତ୍ର (୭.୧) ଏବଂ (୭.୨) ରେ ଲିପିବଦ୍ଧ କରାଯାଇଥିବା ଘଟଣାର ଗ୍ରାମବାସୀମାନେ ନିନ୍ଦା କରିଛନ୍ତି ।

ଅନ୍ୟପକ୍ଷରେ ଉକ୍ତ କୋଇଲା ଖଣିଦ୍ୱାରା ଯେତେବେଳେ କୁଡ଼ାଲୋଇ ଗ୍ରାମର ପଡ଼ାଗ୍ରାମ ପରଧିଆଡ଼ୋରା (ଗଣ୍ଡପଡ଼ା), କିସାନପଡ଼ା ଓ ମୁଣ୍ଡାପଡ଼ା ବାସୀ ପ୍ରତ୍ୟକ୍ଷ ଭାବରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହେବେ ଏପରିସ୍ଥଳେ କୁଡ଼ାଲୋଇ ମୁଳଗ୍ରାମ ସମେତ ଅନ୍ୟ ଗ୍ରାମରେ ରହୁଥିବା ଅଳ୍ପ କେତେ ପରିବାରଙ୍କ କେବଳ ୨୪.୩୬ ଏକର ଜମି ଅଧିଗ୍ରହଣ ହେଉଛି । ସେମାନେ ବିସ୍ଥାପିତ ହେଉ ନାହାନ୍ତି । ସେମାନେ ରହୁଥିବା କୁଡ଼ାଲୋଇ ଗ୍ରାମ ଠାରୁ ଅଧିଗ୍ରହଣ ଜମିର ଦୂରତ୍ୱ ହେଉଛି ପ୍ରାୟ ୦୧.୫ କି.ମି ରୁ ଉର୍ଦ୍ଧ୍ୱ ଏବଂ ପରଧିଆପଡ଼ା (ଗଣ୍ଡପଡ଼ା) ଓ କିସାନପଡ଼ା କୁଡାଲୋଇ ମୂଳ ଗ୍ରାମ ଠାରୁ ପ୍ରାୟ ୨ କିମି ରୁ ଉର୍ଦ୍ଧ୍ୱ । କିନ୍ତୁ ସଂପୂର୍ଣ୍ଣ କୁଡ଼ାଲୋଇ ମୌଜାକୁ ଆଧାର କରି ଏହି ସାମାଜିକ ସମୀକ୍ଷା ଚିଠା ବିବରଣୀ ପ୍ରସ୍ତୁତ କରାଯାଇଛି । ସଂପୂର୍ଣ୍ଣ କୁଡ଼ାଲୋଇ ଗ୍ରାମ ଯେପରି ପ୍ରତ୍ୟକ୍ଷ ଭାବରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଭଳିଆ ଦର୍ଶା ହୋଇଛି । ଯେହେତୁ କୁଡ଼ାଲୋଇରେ ୯ ଗୋଟି କୁଅ, ୮୫ ଟି ନଳକୂପ, ୩ ଟି ପାଇପ ଲାଇନ, ହାଟ ୨ ଟା, ଗୋରୁହାଟ ୨ଟା, ଦରଘା ୪ ଟା, ଇଦ୍‌ଗାହ ୩ ଟା, ୪୫ ପରିବାର ଗାଈ ରଖିଛନ୍ତି, କୁକୁଡ଼ା ୧୧୦ ପରିବାର, ଛେଳି ୩୨ ପରିବାର ରଖିଛନ୍ତି । କିନ୍ତୁ ବାସ୍ତବରେ ସେଗୁଡିକ ସେହି ମାତ୍ରାରେ କ୍ଷତିଗ୍ରସ୍ତ ପଡ଼ାଗ୍ରାମ ପରଧିଆ ଡ଼େରା ୱାର୍ଡ ନଂ ୧ ରେ ନାହିଁ । କିଷାନ ପଡ଼ାରେ କୁଅ ୬ ଟି, ଗୋଟିଏ ପୋଖରୀ, ନଳକୁପ ୨ ଟା, ଗଭୀର ନଳକୁପ ୩ ଟା, ପରଧିଆ ପଡ଼ାରେ କୁଅ ୧୯, ପୋଖରୀ ୬, ନଳକୁଅ ୬, ଗଭୀର ନଳକୁପ ୫, ଗୋଟିଏ ପରିବାର ଛେଳି ଏବଂ ମୁଣ୍ଡା ପଡ଼ାରେ କୁଅ ୨, ନଳକୁଅ ୨, ଗଭୀର ନଳକୁଅ ୨, ଛେଳି ଗୋଟିଏ ପରିବାର, କୁକୁଡ଼ା ପରିବାର ଇତ୍ୟାଦି । ବେଦାନ୍ତ କମ୍ପାନୀ ସପକ୍ଷରେ ଲୋକମତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମଗ୍ର କୁଡାଲୋଇ ମୌଜାର ସ୍ଥିତିକୁ ଦର୍ଶାଯାଇଥିବା ଗ୍ରାମବାସୀମାନେ କହିଛନ୍ତି ।

ଅନ୍ୟପକ୍ଷରେ ଉକ୍ତ ଚିଠା ବିବରଣୀରେ ଦର୍ଶାଯାଇଛି କି ପ୍ରତ୍ୟକ୍ଷ ଭାବରେ ବିସ୍ଥାପିତ କ୍ଷତିଗ୍ରସ୍ତ ହେଉଥିବା ସମସ୍ତ ପରିବାର ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳ ଶ୍ରେଣୀର ଲୋକ ଅଟନ୍ତି । ସେମାନେ ସମସ୍ତେ ପ୍ରାୟତଃ ନିଜର ଚାଷ କାମ ଉପରେ ନିର୍ଭରଶୀଳ ଅଟନ୍ତି । ସେମାନଙ୍କ ମଧ୍ୟରେ ପ୍ରାୟ ୪୦% ରୁ ୪୫% ଭାଗ ଲୋକ ଅନୁସୁଚିତ ଜାତି ଓ ଜନଜାତିର ଲୋକ ଅଟନ୍ତି । ତାଙ୍କର ଜମି ଅଧିଗ୍ରହଣ ହେଲେ ତାଙ୍କର ଖାଦ୍ୟ ସୁରକ୍ଷା ଦିଗରେ ଅସୁବିଧା ହେବନାହିଁ ବୋଲି ଦର୍ଶା-ଯାଇ ସେମାନଙ୍କର ଖାଦ୍ୟ ସୁରକ୍ଷା ପାଇଁ କୌଣସି ବିଶେଷ ବ୍ୟବସ୍ଥାର ଆବଶ୍ୟକ କରାଯାଉ ନାହିଁ ବୋଲି ଉକ୍ତ ରିପୋର୍ଟରେ ଦର୍ଶା ଯାଇଛି ଯାହା ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଉପରେ ଆଧାରିତ ଅଟେ ।

ଯେଉଁ ମୂଳ ଉଦ୍ଦେଶ୍ୟ ନେଇ ସାମାଜିକ ସମୀକ୍ଷା ଅଧ୍ୟୟନ କରାଯାଇ ଉକ୍ତ ଚିଠା ବିବରଣୀ ପ୍ରସ୍ତୁତ କରାଯାଇଛି ସେଥିରେ ବିସ୍ଥାପିତ ପରିବାରଙ୍କ ସାମାଜିକ, ଅର୍ଥନୈତିକ ସାଂସ୍କୃତିକ ଓ ପରିବେଶ ଦିଗରେ କିପ୍ରକାର ପ୍ରତିକୁଳ ପ୍ରଭାବ ପଡ଼ିବ ଓ ସେହି ପ୍ରଭାବ ଗୁଡିକୁ କିପରି ଭାବରେ ପ୍ରଶମନ କରାଯାଇ ପାରିବ ତାର ସଠିକ୍ ଉଲ୍ଲେଖ କରାଯାଇ ନାହିଁ ।

ଯେଉଁ ପରିବାର ତା'ର ନିଜର ଗ୍ରାମରେ ଥିବା ରୟତ ଜମି, ଘରବାରି ସହ ସର୍ବ-ସାଧାରଣ ପାଇଁ ଉଦ୍ଦିଷ୍ଟ ସରକାରୀ ଜମି (ଗୋଚର, ପତିତ, ଗ୍ରାମ୍ୟ ଜଙ୍ଗଲ) ରାସ୍ତାଘାଟ, ବନ୍ଧ, କଟା, ଉପରେ ବଂଶାନୁକ୍ରମେ ନିର୍ଭର କରି ଚଳି ଆସୁଛି ସେ ଯେତେବେଳେ ଉକ୍ତ ଘରୋଇ କୋଇଲାଖଣି ଦ୍ୱାରା ସବୁଦିନ ପାଇଁ ବିସ୍ଥାପିତ କ୍ଷତିଗ୍ରସ୍ତ ହେବ ତାର ଚାଷବାସ ଉଜୁଡି ଯିବ ଓ କର୍ମ ସଂସ୍ଥାନ ହରାଇବ । ଗାଁର ଜଳସ୍ରୋତ, ଜଙ୍ଗଲ ପରିବେଶ ନଷ୍ଟ ହେବ । ଗାଁ ପରିବେଶର ସଂସ୍କୃତି ନଷ୍ଟ ଭ୍ରଷ୍ଟ ହେବ । ଏ ସମସ୍ତ କ୍ଷୟକ୍ଷତି କିପରି ଭାବରେ ଭରଣା କରାଯିବ ତାହା ଉକ୍ତ ଚିଠା ବିବରଣୀରେ ଉଲ୍ଲେଖ ନାହିଁ ।

ଏହି ପରିପ୍ରେକ୍ଷୀରେ ଏହା ଦ୍ୱାରା ୪୦% ରୁ ୪୫% ଭାଗ ପରିବାର କେବଳ ଅନୁସୂଚିତ ଜାତି ଓ ଜନଜାତିର ବିସ୍ଥାପିତ ହେବେ ସେମାନଙ୍କର ସଂସ୍କୃତି ପରମ୍ପରା, ଘରକରଣ, ଆଚାର ବ୍ୟବହାର, ଚଳନୀୟ ରୀତି ନୀତି ଅନ୍ୟ ସମାଜଙ୍କ ଠାରୁ ଭିନ୍ନ ଅଟେ । ସେମାନେ ଚାଷ କାର୍ଯ୍ୟ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ । ସମସ୍ତଙ୍କ ପୂଜାସ୍ଥଳୀ, ଶ୍ମଶାନପଡ଼ା ଅଲଗା ଅଲଗା ଉପରେ ନିର୍ଭରଶୀଳ । ସମସ୍ତଙ୍କ ପୂଜାସ୍ଥଳୀ, ଶ୍ମଶାନପଦା, ଅଲଗା ଅଲଗା । ସାଧାରଣତଃ ଆଦିବାସୀମାନେ ଶବକୁ ଜଳାନ୍ତି ନାହିଁ । ସେମାନେ ଶବକୁ ନିଜ ଶ୍ମଶାନ ପଦାରେ ପୋତି ଦେଇଥାନ୍ତି । ବିଶେଷ ଭାବରେ ଗଣ୍ଡ, କିସାନ ଓ ମୁଣ୍ଡା ଜାତିର ଲୋକ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହେବେ । କିନ୍ତୁ ତାଙ୍କର ଯେଉଁ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ କ୍ଷତି ହେବ ତାର ପ୍ରତିବଦଳରେ କ'ଣ କରାଯିବ ତାହା ଉଲ୍ଲେଖ କରାଯାଇ ନାହିଁ ।

ଅନେକ ପରିବାରଙ୍କ କେବଳ ଘରବାରି ଜମି ଅଧିଗ୍ରହଣ ହେଉଛି କିନ୍ତୁ ତାଙ୍କର ଚାଷ ଜମି ରହି ଯାଉଛି । ସେହିପରି କିଛି ପରିବାରଙ୍କର କେବଳ ଚାଷଜମି ଅଧିଗ୍ରହଣ ହେଉଛି । ସେ କ୍ଷେତ୍ରରେ ଯେଉଁ ପ୍ରଭାବ ପଡ଼ିବ ତା'ଉପରେ ଏଥିରେ ଉଲ୍ଲେଖ ନାହିଁ ।

ଉକ୍ତ ଖଣି ପାଇଁ ବେଦାନ୍ତ କମ୍ପାନୀକୁ ମିଳିଥିବା ଲିଜ୍ ଏରିଆ ଭିତରେ ଥିବା ଗାଁ ବରତାପ, ବଂଜାରୀ, କୁଡ଼ାଲୋଇ, ପିପିଲିମାଲ, ବେଲପାହାଡ଼ ଇତ୍ୟାଦି ଗ୍ରାମମାନଙ୍କରେ ୨୦୨୨-୨୪ ବର୍ଷ ଠାରୁ ଅନ୍ୟ ଗାଁର ଅନେକ ବ୍ୟକ୍ତିମାନେ ଜମି କିଣିଛନ୍ତି । କିନ୍ତୁ ଯେଉଁ ଦରରେ କିଣିଛନ୍ତି ତାହା ସେହି ଦରରେ ରେଜିଷ୍ଟ୍ରି କରି ନାହାନ୍ତି । ଏହି ୨ ବର୍ଷ ମଧ୍ୟରେ ଅଧିକାଂଶ ଜମିରେ ଅନେକ ଗୁଡିଏ ବିରାଟକାୟ ଅଟ୍ଟାଳିକା ସଦୃଶ କୋଠାଘର ତିଆରି ହୋଇଛି । କିନ୍ତୁ ସେଥିରେ କେହି ରହୁ ନାହାନ୍ତି । ସେମାନେ ହିଁ ଗ୍ରାମବାସୀଙ୍କୁ ପ୍ରଭାବିତ କରୁଛନ୍ତି ବୋଲି ସ୍ମାରକପତ୍ରରେ କୁହାଯାଇଛି ।

ଏଥିରେ ଆହୁରି କୁହାଯାଇଛି ଯେ, ବିସ୍ଥାପିତ କ୍ଷତିଗ୍ରସ୍ତ ଶ୍ରମିକ, କୃଷି ଶ୍ରମିକ, ଭୁମିହିନଙ୍କ କର୍ମ ସଂସ୍ଥାନ ଦିଗରେ ଉକ୍ତ ବିବରଣୀର ସଠିକ୍ ଭାବରେ ଉଲ୍ଲେଖ ନାହିଁ । କେବଳ ସମୟ ଭିତରେ କ୍ଷତି ପୂରଣ ଦେବାର କଥା ଉଲ୍ଲେଖ କରାଯାଇଛି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ସମସ୍ତ ସାମ୍ବାଦିକ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ସାମ୍ବାଦିକତା ଏକ ବୃତ୍ତି ନୁହେଁ ଏହା ଏକ ପ୍ରବୃତ୍ତି, ଏହା ଜନସେବାର ଅନ୍ୟ ଏକ ପ୍ରକୃଷ୍ଟ ମାଧ୍ୟମ ଅଟେ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ, ଗଣମାଧ୍ୟମ କେବଳ ସୂଚନା ପ୍ରଦାନ ନୁହେଁ ବରଂ ସଠିକ୍ ଏବଂ ନିରପେକ୍ଷ ଖବର ପ୍ରକାଶନ ସହିତ ଜନସାଧାରଣଙ୍କୁ ସଚେତନ କରିବା ଓ ଅସହାୟ, ଅବହେଳିତଙ୍କ ସ୍ୱର ହୋଇ କାର୍ଯ୍ୟ କରିଥାଏ ।

ଆମର ଗଣମାଧ୍ୟମର ବନ୍ଧୁମାନେ ନିଜର ଦକ୍ଷତା, ସାହସ ଓ କର୍ତ୍ତବ୍ୟ ପରାୟଣତା ମାଧ୍ୟମରେ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିଆସିଛନ୍ତି । ବିଭିନ୍ନ କ୍ଷେତ୍ରରେ ଦେଶର ବିକାଶ ଓ ଅଭିବୃଦ୍ଧିରେ ସେମାନଙ୍କ ଅବଦାନ ପ୍ରଶଂସନୀୟ ।

( ମୋହନ ଚରଣ ମାଝୀ )
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ହୀରାକୁଦ ଜଳଭଣ୍ଡାରର ଚାରିପଟେ ହେବ ପର୍ଯ୍ୟଟନ ସ୍ଥଳୀ

ସମ୍ବଲପୁର : ହୀରାକୁଦ ଜଳଭଣ୍ଡାରରେ ତିଆରି ହେବ କ୍ରୁଜ୍ ଟର୍ମିନାଲ । ଗୋଆ ଓ ଭେନିସ୍ ସହର ଭଳି ବୋଟ୍ ହାଉସ୍‌କୁ ଉପଭୋଗ କରିବେ ପର୍ଯ୍ୟଟକ । ୱାଟରସ୍ପୋର୍ଟସ୍ ପାଇଁ ନିର୍ମାଣ କରାଯିବ ସ୍ଥାୟୀ ବୋଟିଂ ଜେଟି ଟର୍ମିନାଲ୍ । ଆଖପାଖ ପରିବେଶକୁ ଆକର୍ଷଣୀୟ କରିବାକୁ ରହିବ ଜାପାନିଜ୍ ପଥର ପାଚେରୀ । ପର୍ଯ୍ୟଟକଙ୍କ ପାଇଁ ତିଆରି ହେବ ବିଶାଳ ସ୍ଥାୟୀ ପାର୍କିଂ । ଝାରସୁଗୁଡ଼ା ଅଞ୍ଚଳରେ ବି ଆଇଲାଣ୍ଡ ବିକାଶ ପାଇଁ ହୋଟେଲ୍, ରିସୋର୍ଟ ବ୍ୟବସ୍ଥା କରାଯିବ । ଏନେଇ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ବୋଟ୍ ହାଉସ୍ ପାଇଁ ପର୍ଯ୍ୟଟନ ବିଭାଗ ବିକାଶ ବେଏଫ୍ରଣ୍ଟ ରିଟ୍ରିଟ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଅନୁମତି ଦେଇଛି । ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ । ସେହିଭଳି କିଛି ସ୍ଥାୟୀ ଓ ଅସ୍ଥାୟୀ ନିର୍ମାଣ ପାଇଁ ପର୍ଯ୍ୟଟନ ବିଭାଗକୁ ସବୁଜ ସଙ୍କେତ ଦେଇଛି ରାଜ୍ୟ



ଜଳସମ୍ପଦ ବିଭାଗ । ସୁରକ୍ଷା ସମେତ ବିଭିନ୍ନ କାରଣରୁ ବହୁବର୍ଷ ଧରି ହୀରାକୁଦ ଜଳଭଣ୍ଡାର ଆଖପାଖ ଅଞ୍ଚଳରେ ପ୍ରବେଶ ଓ ଏହାର ଚତୁଃପାର୍ଶ୍ୱ ଜମିରେ ନିର୍ମାଣ କାର୍ଯ୍ୟ ଉପରେ କଡ଼ା କଟକଣା ରହିଥିଲା । ହୀରାକୁଦର ପର୍ଯ୍ୟଟନ ବିକାଶ ପାଇଁ ଏହି କଟକଣାକୁ କୋହଳ କରାଯାଇଛି ।

ଗୋଆ, କେରଳ ଭଳି ପର୍ଯ୍ୟଟକ ବୋଟ୍ ହାଉସ୍‌ର ମଜା ନେବେ । ଏଥିରେ ହୋଟେଲ୍ ଭଳି ସୁବିଧା ରହିବ । ଚକାଚକ୍ କୋଠରୀ ସହ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ । ପର୍ଯ୍ୟଟକ ହୀରାକୁଦ ଜଳଭଣ୍ଡାରରେ ଦିନ ସହ ରାତିର ମଜା ଉଠାଇବେ । ପର୍ଯ୍ୟଟନର ବିକାଶ ପାଇଁ ହୀରାକୁଦ ମାଷ୍ଟରପ୍ଲାନରେ ଖୁବ ଶୀଘ୍ର ହୀରାକୁଦକୁ ଆସିବ ବୋଟ୍ ହାଉସ୍ । ଏବେ ହୀରାକୁଦର ୨ଟି ସ୍ଥାନରେ ୱାଟର୍ ସ୍ପୋର୍ଟସ୍ ରହିଛି । ସେଠାରେ କେବଳ ହାତଗଣତି କ୍ରୀଡ଼ା ଉପଲବ୍ଧ ରହିଛି । ତେଣୁ ଆଗକୁ ପର୍ଯ୍ୟଟକଙ୍କୁ ଆକର୍ଷଣୀୟ ଓ କୌତୁହଳପୂର୍ଣ୍ଣ କ୍ରୀଡ଼ା ସୁବିଧା ଦେବାକୁ ଲକ୍ଷ୍ୟ ରଖାଯାଇଛି ।

ସେହିଭଳି ହୀରାକୁଦ ନଦୀବନ୍ଧ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସ୍ଥାୟୀ ଓ ଅସ୍ଥାୟୀ ନିର୍ମାଣ ନେଇ ଗତ ମେ' ମାସ ୧୬ ତାରିଖରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଜଳସମ୍ପଦ ବିଭାଗକୁ ଏନ୍ଓସି ପାଇଁ ଆବେଦନ କରିଥିଲା । ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ମତାମତ ଦେବାକୁ ବିଭାଗୀୟ ଚିଠି ହୋଇଥିଲା । ଯାହାକି ଜଳସମ୍ପଦ ବିଭାଗ ଏନ୍ଓସି ପ୍ରଦାନ କରିଛି । ବୁର୍ଲା ନିକଟ ଚାନ୍ଦିଲିଡୁଙ୍ଗୁରୀ ପାହାଡ଼, ଝାଙ୍କରାଣୀ ମନ୍ଦିର ପଛ ଭାଗ, କ୍ରୁଜ୍ ଟର୍ମିନାଲ୍ ପାଇଁ ଡାହାଣ ଡାଇକ୍, ହୋଟେଲ୍ ସହ ଅନ୍ୟ ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଛି ।

ହୀରାକୁଦରେ ମିଳିବ ହିମାଳୟର ଦୁର୍ଗମ ପାହାଡ଼ ଚିରି ବହିଯାଇଥିବା ନଦୀରେ ହେଉଥିବା ଦୁଃସାହାସିକ ଜଳକ୍ରୀଡ଼ାର ଅନୁଭୂତି । ଗୋଆ, ଦୁବାଇ ଭଳି ସ୍କୁବା ଡାଇଭିଂ କରିବେ ପର୍ଯ୍ୟଟକ । ମନାଲି ବରଫ ପାହାଡ଼ ଭଳି ହୀରାକୁଦର ଜଳରାଶିରେ ପାରାଗ୍ଲାଇଡିଂ ଓ ପାରା ସେଲିଂର ବି ମଜାନେବେ । ରାଫ୍ଟିଂ, ଜେଟସ୍କି, ବମ୍ପର ରାଇଡ୍, ବାନାନା ରାଇଡ୍, ବେଲୁନ୍ ରାଇଡ୍ ଭଳି କୌତୁହଳପୂର୍ଣ୍ଣ ଜଳକ୍ରୀଡ଼ା ଉପଲବ୍ଧ ହେବ । ଏଥିପାଇଁ ସ୍ଥାୟୀ ବୋଟିଂ ଜେଟି ଟର୍ମିନାଲ୍ ତିଆରି କରାଯିବ । ଏହାସହ ବଡ଼ ହୋଟେଲ୍, ପାର୍କିଂ ସୁବିଧା, ବଡ଼ ଦୋକାନ ଓ ମଲ୍, ଡ୍ୟାମ୍ ସଂଗ୍ରହାଳୟ, ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ଚଲାପଥ ବି ତିଆରି ହେବ । ଏଥିପାଇଁ ଜଳସମ୍ପଦ ବିଭାଗ ଅନୁମତି ପ୍ରଦାନ କରିଛି ।

କେବଳ ଜଳକ୍ରୀଡ଼ା ନୁହେଁ, ବନ୍ୟପ୍ରାଣୀ, ଆର୍ଦ୍ରଭୂମି ଏବଂ ଜଳସମ୍ପଦରେ ପରିପୂର୍ଣ୍ଣ ସମ୍ବଲପୁର ପାଇଁ ପ୍ରସ୍ତୁତ ହେଉଥିବା 'ମାଷ୍ଟରପ୍ଲାନ୍' ପର୍ଯ୍ୟଟନ ପାଇଁ ଭୂସ୍ୱର୍ଗ ପାଲଟିବ । ହୀରାକୁଦର ଗାଥାକୁ ନେଇ ଏକ ମ୍ୟୁଜିୟମ ତିଆରି ହେବ । ହୀରାକୁଦ ନଦୀବନ୍ଧ ତିଆରି ହେବାର କାହାଣୀକୁ ନେଇ ଲେଜର୍ ସୋ ହେବ । ଯାହାକି ଦେଶ, ବିଦେଶରୁ ଆସୁଥିବା ପର୍ଯ୍ୟଟକ ହୀରାକୁଦ ଉପରେ ଅଧିକ ଜାଣିପାରିବେ । ସେହିଭଳି ହୀରାକୁଦରେ ବୀର ସୁରେନ୍ଦ୍ର ସାଏଙ୍କ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ କରାଯିବାର ଯୋଜନା ରହିଛି । ଷ୍ଟାଚ୍ୟୁ ଅଫ୍ ୟୁନିଟି ଶୈଳୀରେ ଏହା ନିର୍ମାଣ ହେବ ।

ପର୍ଯ୍ୟଟନ ବିଭାଗର ବିଭିନ୍ନ ପ୍ରସ୍ତାବଗୁଡ଼ିକୁ ଯଦିଓ ସବୁଜ ସଂକେତ ଦେଇଛି, କିନ୍ତୁ ଜଳସଂପଦ ବିଭାଗ ପକ୍ଷରୁ ୨୬ଟି ବିଭିନ୍ନ ପ୍ରକାରର ସର୍ତ୍ତ ମଧ ରଖାଯାଇଛି । ଯେଉଁଥିରେ ଡ୍ୟାମ୍‌ର ଉପର ରାସ୍ତା ବ୍ୟବହାର ନ କରିବା, ଜଳ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ନ କରିବା ଆଦି ସର୍ତ୍ତ ରହିଛି । ପ୍ରାୟ ସମସ୍ତ ପ୍ରସ୍ତାବକୁ ଗ୍ରହଣ କରି ଜଳସଂପଦ ବିଭାଗ ଏନ୍ଓସି ଦେଇଥିଲେ ବି କେବଳ ଅଶୋକନିବାସ ନିକଟସ୍ଥ ଚାନ୍ଦଲି ଡୁଙ୍ଗୁରି ନିକଟରେ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ଦେଇନାହିଁ । ଏହାଦ୍ୱାରା ହୀରାକୁଦ ବନ୍ଧର ନିରାପତ୍ତା ଓ ସ୍ଥାୟିତ୍ୱ ସଂକଟରେ ପଡ଼ିପାରେ ବୋଲି କୁହାଯାଇଛି । ହୀରାକୁଦ ସମନ୍ୱିତ ମାଷ୍ଟରପ୍ଲାନରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ହୀରାକୁଦ ଜଳଭଣ୍ଡାର ଚାରିପାଖ ୨ ହଜାର ଏକର ଜମିକୁ ନେଇ ଭୂ-ବ୍ୟାଙ୍କ ନିର୍ମାଣ କାର୍ଯ୍ୟ ଜାରି ରଖିଛି ଇଡକୋ । ଏଥିପାଇଁ ତହସିଲସ୍ତରରେ ଜମି ଅଧିଗ୍ରହଣ କାର୍ଯ୍ୟ ମଧ ଜାରି ରହିଛି । ସୂଚନା ଅନୁଯାୟୀ, ପର୍ଯ୍ୟଟନର ବିକାଶ ପାଇଁ ହୀରାକୁଦ ଜଳଭଣ୍ଡାର ନିକଟସ୍ଥ ୨୫୬,୧୮୭ ଏକର ଜମି ପ୍ରଦାନ ପାଇଁ ଜଳସମ୍ପଦ ବିଭାଗକୁ ଚିଠି କରାଯାଇଥିଲା । ତେବେ ଜଳସମ୍ପଦ ବିଭାଗ କେତେ ଏକର ଜମି ପାଇଁ ଏନ୍ଓସି ଦେଇଛି ତାହା ଜଣାପଡ଼ିନାହିଁ ।

# ହାତୀ ଚଲାପଥରେ ଇଥାନଲ କାରଖାନା

ସମ୍ବଲପୁର : ଧମା ନିକଟସ୍ଥ ଦେଓଗାଁରେ ଇଥାନଲ କାରଖାନା ପ୍ରତିଷ୍ଠା ପାଇଁ ସବୁ ନିୟମ କାନୁନକୁ ଜଳାଞ୍ଜଳି ଦିଆଯାଇଛି । ସଂରକ୍ଷିତ ଜଙ୍ଗଲର ୪୦ଫୁଟ ଦୂର ଓ ହାତୀ ଚଲାପଥରେ ପ୍ରତିଷ୍ଠିତ ହୋଇଛି ଇଥାନଲ କାରଖାନା । ପରିବେଶ ମଞ୍ଜୁରୀର ସର୍ତ୍ତ ମଧରେ ଲେଖା ଅଛି ସଂରକ୍ଷିତ ଜଙ୍ଗଲ, ଜଳଉତ୍ସ ଓ ଜନବସତି ନିକଟରେ ଇଥାନଲ କାରଖାନାକୁ ଅନୁମତି ଦେବା ଉଚିତ୍ ନୁହେଁ । ହେଲେ କୌଣସି ଗୋଟିଏ କଥା ରେ ବି ଜଙ୍ଗଲ ଓ ପରିବେଶ ବିଭାଗର ସର୍ତ୍ତକୁ ପୂରଣ କରୁନାହିଁ ମାନେଶ୍ୱର ବ୍ଲକ ଦେଗାଁରେ ପ୍ରତିଷ୍ଠିତ ଇଥାନଲ କାରଖାନା । ହେଲେ ଦୁର୍ଭାଗ୍ୟଜନକ ବିଷୟ ହେଉଛି, କାରଖାନାକୁ ପ୍ରଦୂଷଣ ନିୟନ୍ତ୍ରଣ ଓ ରାଜସ୍ୱ ବିଭାଗ ସବୁଜ ସଙ୍କେତ ଦେଇଛନ୍ତି । ଏଠାରେ କମ୍ପାନୀର ସ୍ୱାର୍ଥ ସାଧନ ପାଇଁ ଜନତାଙ୍କ ବୃହତ୍ତର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଛି ବୋଲି ଦେଗାଁ ଅଞ୍ଚଳବାସୀ କହିଛନ୍ତି । ନେତୃବୃନ୍ଦ କହିଛନ୍ତି ଇଥାନଲ କାରଖାନା ମହାନଦୀରୁ ପାଣି ନେବ ଓ ପ୍ରତିଦିନ ଲକ୍ଷାଧିକ ଲିଟର ଜହର ଛାଡ଼ିବ । ସେ ଜହରରେ ମାଟି ନଷ୍ଟ ହୋଇଯିବ, ଜଙ୍ଗଲ ନଷ୍ଟ ହୋଇଯିବ, ଜୀବନ ଓ ଜୀବିକା ନଷ୍ଟ ହୋଇଯିବ । ମହାନଦୀର ଜଳ ବିଷମୟ ହୋଇଯିବ । ଏହି କାରଖାନା ବିକାଶ ନୁହେଁ ବିନାଶର ମୂଳଦୁଆ ପକାଇବ । ଇଥାନଲ କାରଖାନା ପ୍ରକଳ୍ପଟି ପରିବେଶଗତ ମଞ୍ଜୁରୀ, ଜଙ୍ଗଲ ଏବଂ ବନ୍ୟପ୍ରାଣୀ ଅନୁମୋଦନ କିମ୍ବା ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ ଗ୍ରାମସଭାର ସମ୍ମତି ନେଇନାହିଁ । କିନ୍ତୁ କିଛି ମୁଷ୍ଟିମେୟ ଲୋକଙ୍କୁ ଧରି ଗ୍ରାମସଭା ହୋଇଛି ବୋଲି ଦର୍ଶାଉଥିବା ବେଳେ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ତଥ୍ୟ ଦେଇ ପରିବେଶଗତ ମଞ୍ଜୁରୀ ହାସଲ କରିଛନ୍ତି । ନାଗରିକମାନେ ବେଆଇନ ଅନୁମୋଦନ ପ୍ରଦାନ କରିବାରେ ଅଧିକାରୀମାନଙ୍କ ସହଭାଗୀତାର ଅଭିଯୋଗ କରିଛନ୍ତି । ସେମାନେ ବିଶେଷ ଭାବରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ସନ୍ଦେହଜନକ ଭୂମିକା ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ତା ଛଡ଼ା ମାନେଶ୍ୱରର ତହସିଲଦାରଙ୍କ ସନ୍ଦେହଜନକ ଭୂମିକା ଥିବା ଅଭିଯୋଗ କରିଛନ୍ତି । ଗ୍ରାମବାସୀ ଜଙ୍ଗଲ ଜମିରେ ଚାରାରୋପଣ କରିଥିବା ବେଳେ ତହସିଲଦାର ନିଜେ କମ୍ପାନୀର ସ୍ୱାର୍ଥ ପାଇଁ ଚାରା ଉପାଡ଼ନ କରି ଦେଇଥିଲେ । ଏବେ ଅନ୍ୟ ଗାଁର ଲୋକଙ୍କୁ ଏହି କାରଖାନା ନିକଟରେ ୪ ଡେସିମିଲ ଲେଖାଏଁ ଜମି ଯୋଗାଇ ଦେଇ ନୂତନ ବିବାଦ ସୃଷ୍ଟି କରିଛନ୍ତି । ଖାଲି ସେତିକି ନୁହେଁ, ତତ୍କାଳୀନ ଡିଏଫଓ ମଧ କମ୍ପାନୀକୁ ଜମି ଯୋଗାଇବାରେ ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ପରିବେଶଗତ ମଞ୍ଜୁରୀ ଦେଇଥିଲେ । ଗ୍ରାମବାସୀ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବିରୋଧରେ ରୁଜୁ ମାମଲା ଖାରଜ

ସମ୍ବଲପୁର : ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ରୁଜୁ ନିର୍ବାଚନ ମାମଲାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ନ୍ୟାସନାଲ୍ ଜନତା ଦଳ ପ୍ରାର୍ଥୀ ସୁବାସ ମହାପାତ୍ର ଏହି ମାମଲା ରୁଜୁ କରିଥିଲେ । ମାମଲାର ଶୁଣାଣି ପୂର୍ବରୁ ଏହାକୁ ଖାରଜ ପାଇଁ ସାଂସଦ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରାଯାଇଥିଲା । ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ଶ୍ରୀ ମହାପାତ୍ରଙ୍କ ନିର୍ବାଚନ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି । ଅଭିଯୋଗକୁ ପ୍ରମାଣିତ କରିବା ଭଳି ତଥ୍ୟ ଆବେଦନକାରୀ ଦାଖଲ କରି ନ ଥିବାରୁ ପିଟିସନ୍ ଖାରଜ କରିବାକୁ କେନ୍ଦ୍ର ମନ୍ତ୍ରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏହି ଯୁକ୍ତିକୁ ଗ୍ରହଣ କରି ଶ୍ରୀ ମହାପାତ୍ରଙ୍କ ପିଟିସନ୍‌କୁ ରଦ୍ଦ କରିଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଗତ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ଭାବେ ଧର୍ମେନ୍ଦ୍ର ପ୍ରଧାନ ବିପୁଳ ଭୋଟ୍ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ପରାସ୍ତ କରିଥିଲେ । ଏହି ନିର୍ବାଚନମଣ୍ଡଳୀରୁ ନ୍ୟାସନାଲ ଜନତା ଦଳ ପକ୍ଷରୁ ସୁବାସ ମହାପାତ୍ର ପ୍ରାର୍ଥୀ ହୋଇ ବହୁ କମ୍ ଭୋଟ୍ ପାଇଥିଲେ । ତେବେ ଶ୍ରୀ ମହାପାତ୍ର ରୁଜୁ କରିଥିବା ମାମଲାରେ ଅଭିଯୋଗ କରିଥିଲେ ଯେ, ଶ୍ରୀ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ ବେଳେ ନିଜ ସଂକ୍ରାନ୍ତରେ ଅନେକ ତଥ୍ୟ ଲୁଚାଇଛନ୍ତି । ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂକ୍ରାନ୍ତ ତଥ୍ୟ ସେ ଦାଖଲ କରିନାହାନ୍ତି । ଏପରିକି ଶ୍ରୀ ପ୍ରଧାନ ନାମାଙ୍କନପତ୍ର ଦାଖଲ କରିବା ଦିନ ଏକ ଲାଭଜନକ ସଂସ୍ଥା ସହ ଜଡ଼ିତ ଥିଲେ । ନିଜର ପ୍ରକୃତ ସମ୍ପତ୍ତି ସଂକ୍ରାନ୍ତରେ ମଧ ସାଂସଦ ଶ୍ରୀ ପ୍ରଧାନ ଅନେକ ତଥ୍ୟ ଲୁଚାଇଥିବା ପିଟିସନ୍‌ରେ ଅଭିଯୋଗ କରାଯାଇଥିଲା । ତେବେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଆବେଦନକାରୀ ଶ୍ରୀ ମହାପାତ୍ରଙ୍କ ଅଭିଯୋଗ ଭିତ୍ତିହୀନ । ଆବଶ୍ୟକ ତଥ୍ୟ ସେ ଅଦାଲତରେ ଦାଖଲ କରିନାହାନ୍ତି । ପରନ୍ତୁ ଅଦାଲତଙ୍କ ଜରିଆରେ ସେ ଏହିସବୁ ତଥ୍ୟ ବାହାର କରିବାକୁ ଚାହୁଁ ଛନ୍ତି ଯାହାକି ଆଇନଦୃଷ୍ଟିରୁ ଗ୍ରହଣୀୟ ନୁହେଁ ।

**ପୁସ୍ତକ ସମୀକ୍ଷା**

# ସମ୍ବଲପୁରୀ କବିତା ଗୁଚ୍ଛ

## କବି- ଗୋପୀନାଥ ଷଡ଼ଙ୍ଗୀ

**ଗୋ**ପୀନାଥ ଷଡ଼ଙ୍ଗୀଙ୍କ ରଚିତ 'ସମ୍ବଲପୁରୀ କବିତା ଗୁଚ୍ଛ' ପୁସ୍ତକଟି ମତେ ପଢ଼ିବାର ସୁଯୋଗ ମିଳିଥିଲା । କବି ଷଡ଼ଙ୍ଗୀଙ୍କର ଏହି ପୁସ୍ତକଟି ଚାଲିଶଟି ସମ୍ବଲପୁରୀ କବିତା ବହନ କରିଛି । ଏହି ପୁସ୍ତକଟି ତାଙ୍କର ପ୍ରଥମ ସମ୍ବଲପୁରୀ କବିତା ସଂକଳନ । ଏଥିରେ ସନ୍ନିବେଶିତ କବିତାମାନ କ୍ଷୁଦ୍ରାକାର ହେଲେ ମଧ ସମାଜକୁ ଗୋଟେ ଗୋଟେ ବାର୍ତ୍ତା ଦେଇଛନ୍ତି ।

କବି ଗୋପୀନାଥ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଘଟଣାଗୁଡିକ ନେଇ ଅତି ସହଜ ଓ ସରଳ ଭାବରେ କବିତାମାନ ସୃଷ୍ଟି କରିଛନ୍ତି । ତାଙ୍କର କବିତା ଗୁଡିକରେ ସୁଖ-ଦୁଃଖ, ରାଗ ଅଭିମାନ ଓ ଆଶା ନିରାଶାକୁ ନିଜର ଅନୁଭୂତି ଲବ୍ଧ ରଙ୍ଗ ଜରିଆରେ ସଜାଇଛନ୍ତି । ଉଦାହରଣ ସ୍ୱରୂପ ଏଠାରେ ତାଙ୍କର ଧାରେ ଲୁହୁ କବିତାରେ ପତ୍ନୀ ସ୍ୱାମୀ ଠୁଁ ଅନେକ ଦୁଃଖ-ଯନ୍ତ୍ରଣା ସହିଲେ ମଧ ଧାରେ ଲୁହର ଭାଉ କିଭଳି ସ୍ୱାମୀକୁ ପରିବର୍ତ୍ତନ କରିପାରେ, ତାହାକୁ ଅତି ସୁନ୍ଦର ଭାବରେ ସେ ପ୍ରକାଶ କରିଛନ୍ତି ।

ଧାରେ ଖୁସିର ଲୁହୁ, ଆଖିନୁ ବାହାରି ପଡ଼ଲା
ଆରୁ ଜାନଲି ଧାରେ ଲୁହୁର ଭାଉ ।

ଆଉ ଗୋଟେ ତାଙ୍କର କବିତା 'କାଲି ରହେବା କେନ'ରେ କବି ଷଡ଼ଙ୍ଗୀ କହିଛନ୍ତି ଯେ, ଆଜିକାଲି ଯୁଗର ଲୋକେ ଚାହାଁନ୍ତି ଯେ, ଗୁରୀ ଝିଅକୁ ବାହା ହେବେ, କାଳି ଝିଅକୁ ନୁହେଁ । ହେଲେ କବି ଷଡ଼ଙ୍ଗୀ କବିତାରେ ତାଙ୍କର ଗୁରୁ ଦିବ୍ୟଦର୍ଶନ ପ୍ରତିଷ୍ଠାତା ସଦଗୁରୁ ଅର୍ଜୁନଙ୍କ ମତ ଅନୁସାରେ ଲୋକଙ୍କୁ ଚେତାଇ ଦେଇଛନ୍ତି ଯେ, ଗୁରୀ ଝିଅ ହେଉ କି କାଳି ଝିଅ ହେଉ, ସେମାନଙ୍କ ରୂପକୁ ନ ଦେଖି ଭଲ ଗୁଣକୁ ଦେଖନ୍ତୁ ।

ଗୁରୁ ଅର୍ଜୁନ ପରେ କହିଛନ୍ତି ରୂପ ଠାରୁ ଗୁନ ଅଏନ୍,
ଇ କଥାଟି ହେଜିରଖ, ସମର୍ପଣ ହେବା ମଙ୍ଗଲ ।

ଏ'ଭଳି ଅନେକ କବିତା ଶ୍ରୀଯୁକ୍ତ ଷଡ଼ଙ୍ଗୀ ଲେଖିଛନ୍ତି, ଯେଉଁଗୁଡିକ ମାଧମରେ ଏହି ଯୁଗର ଲୋକମାନଙ୍କୁ ବିଭିନ୍ନ ସମସ୍ୟାର ଭଲମନ୍ଦ ବିଷୟରେ ଚେତାଇ ଦେଇଛନ୍ତି ।

ଏହି ସମ୍ବଲପୁରୀ କବିତା ସଂକଳନଟି ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ପ୍ରଥମ ସମ୍ବଲପୁରୀ ପୁସ୍ତକ । କହିବାକୁ ଗଲେ, ଏଥିରେ ସଂଯୋଜିତ କବିତାଗୁଡିକ ତାଙ୍କର ପ୍ରାଥମିକ ସ୍ତରୀୟ ଲେଖା । ସେଗୁଡିକରେ କବିର ପ୍ରାଥମିକ ସ୍ତରୀୟ ଭୁଲଭଟ୍‌କା ରହିଛି । ତଥାପି ଏହି ସଂକଳନର କବିତା ଗୁଡିକରେ ଉଜ୍ଜ୍ୱଳ ସମ୍ଭାବନାର ସ୍ପଷ୍ଟ ଚିତ୍ର ଉଦ୍‌ଭାସିତ ହେଉଛି ।

ଏହି କବିତା ପୁସ୍ତକଟି ନିଶ୍ଚୟ ଅଜସ୍ର ପାଠକୀୟତା ଲାଭ କରିବ । କାରଣ ଏଥିରେ ସ୍ଥାନିତ କବିତା ଗୁଡିକରେ ଜଣେ ପାଠକକୁ ମୋହିତ କରିବାରେ ଅନେକ ଉପାଦାନ ରହିଛି ।

ଏହାଛଡ଼ା ଏହି ପୁସ୍ତକର ବହୁତ ସାହିତ୍ୟିକ ମୂଲ୍ୟ ରହିଛି । କାରଣ, ଏଥିରେ ଥିବା କବିତାଗୁଡିକ ଖାଣ୍ଟି ସମ୍ବଲପୁରୀ ଶବ୍ଦ ଗୁଡିକରେ ସୁଶୋଭିତ ଏବଂ ସମ୍ବଲପୁରୀ ସାହିତ୍ୟର ଅସ୍ମିତା ବଜାଏ ରହିଛି ।

ଶେଷରେ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଆହୁରି ଉଚ୍ଚମାନର ସମ୍ବଲପୁରୀ କବିତାମାନ ଲେଖି ସମ୍ବଲପୁରୀ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରନ୍ତୁ ।

**ସମୀକ୍ଷକ, ଜନ୍ମେଜୟ ବାବୁ**
**ପଟ୍ଟନାୟକପଡ଼ା, ସମ୍ବଲପୁର**

# ମହାଭାରତ ଆଦି ପର୍ବ : କୌରବ ଓ ପାଣ୍ଡବଙ୍କ ଜନ୍ମ



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଗୋଟିଏପଟେ ଅମ୍ବିକା ପୁତ୍ର ଧୃତରାଷ୍ଟ୍ର ଶାରୀରିକ ଶକ୍ତି ସମ୍ପନ୍ନ ଓ ବିଶେଷ ବଳଶାଳୀ ହୋଇଥିବା ବେଳେ ଅମ୍ବାଳିକା ପୁତ୍ର ପାଣ୍ଡୁ ଧନୁର୍ବିଦ୍ୟା ପାରଙ୍ଗମ । ସେପଟେ ଦାସୀପୁତ୍ର ବିଦୂର ମହାଜ୍ଞାନୀ, ଧର୍ମଜ୍ଞ ଓ ବିଦ୍ୱାନ । ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ, ଜନ୍ମାନ୍ଧ । ତେଣୁ ବିଚିତ୍ରବୀର୍ଯ୍ୟଙ୍କ ଦ୍ୱିତୀୟ ପତ୍ନୀଙ୍କ ପୁତ୍ର ପାଣ୍ଡୁ ରାଜସିଂହାସନ ଆରୋହଣ କଲେ । ହସ୍ତିନାପୁର ରାଜା ହେଲେ । ରାଜ୍ୟ ଶାସନ କଲେ । ରାଣୀ ସତ୍ୟବତୀ ନିଜ ପୌତ୍ରଙ୍କ ବିବାହ ପାଇଁ ଭୀଷ୍ମଙ୍କ ସହ ବିଚାର ବିମର୍ଷ କଲେ । ଗାନ୍ଧାର ନରେଶ ସୁବଳଙ୍କ ପୁତ୍ରୀ ଗାନ୍ଧାରୀ ସର୍ବଗୁଣସମ୍ପନ୍ନା । ଶୁଭଲକ୍ଷଣଯୁକ୍ତା । ଧୃତରାଷ୍ଟ୍ରଙ୍କ ସହିତ ଗାନ୍ଧାରୀଙ୍କ ବିବାହ ପ୍ରସ୍ତାବ ନେଇ ଭୀଷ୍ମ ଗାନ୍ଧାର ନରେଶଙ୍କ ନିକଟକୁ ନିଜର ଜଣେ ବିଶ୍ୱସ୍ତ ଦୂତ ପଠେଇଲେ । ଜଣେ ନେତ୍ରହୀନ ଯୁବକଙ୍କ ସହିତ ନିଜ ପୁତ୍ରୀ ଗାନ୍ଧାରୀର ବିବାହ ପ୍ରସ୍ତାବକୁ ଗାନ୍ଧାର ନରେଶ ପ୍ରଥମେ ଅସ୍ୱୀକାର କଲେ । କିନ୍ତୁ ପରେ ହସ୍ତିନାପୁର ରାଜବଂଶ ଓ ତାଙ୍କ ସଦାଚାର ଗୁଣରେ ପ୍ରସନ୍ନ ହୋଇ ବିବାହ ପ୍ରସ୍ତାବକୁ ସ୍ୱୀକାର କଲେ । ନିଜ ଭାବୀ ପତି ନେତ୍ରହୀନ ଥିବାରୁ ପତିବ୍ରତା ଗାନ୍ଧାରୀ ମଧ ନିଜ ଆଖିରେ ପଟି ବାନ୍ଧି ପତିଙ୍କ ଅନୁକୂଳ ଜୀବନ ଅତିବାହିତ କରିବାକୁ ସ୍ଥିର କଲେ । ଧୃତରାଷ୍ଟ୍ର ଏବଂ ଗାନ୍ଧାରୀଙ୍କ ମଧରେ ବିବାହ ଯଥାରୀତି ସମ୍ପନ୍ନ ହେଲା । କୁନ୍ତୀଭୋଜଙ୍କ ପୁତ୍ରୀ କୁନ୍ତୀ ତାଙ୍କ ସ୍ୱୟମ୍ବରରେ ରାଜା ପାଣ୍ଡୁଙ୍କୁ ନିଜ ପତି ରୂପେ ବରଣ କଲେ । ଭୀଷ୍ମ ରାଜା ପାଣ୍ଡୁଙ୍କ ପାଇଁ ଆଉ ଏକ ପତ୍ନୀ ଇଛା କରି ମଦ୍ର ନରେଶ ଶଲ୍ୟଙ୍କୁ ତାଙ୍କ ଭଉଣୀ ମାଦ୍ରୀଙ୍କ ହାତ ମାଗିଲେ । ରାଜା ପାଣ୍ଡୁ ଓ ମାଦ୍ରୀଙ୍କ ବିବାହ ହେଲା । ରାଜା ଦେବକର ଏକ ଦାସୀ ପୁତ୍ରୀ ଅତ୍ୟନ୍ତ ସୁନ୍ଦର ଓ ଗୁଣବତୀ ଥିଲା । ଭୀଷ୍ମଦେବ ଦାସୀ ପୁତ୍ରୀର ବିବାହ ବିଦୂରଙ୍କ ସହ ସମ୍ପନ୍ନ କରାଇଲେ । ଦାସୀ ପୁତ୍ର ବିଦୂର ମହର୍ଷି ବ୍ୟାସଙ୍କ ଦ୍ୱାରା ଉତ୍ପନ୍ନ ହୋଇଥିଲେ । ଧର୍ମଜ୍ଞ ଥିଲେ । ତେଣୁ ରାଣୀ ସତ୍ୟବତୀ ଓ ଭୀଷ୍ମ ବିଦୂରକୁ ନିଜର ଏକ ଅଭିନ୍ନ ଅଙ୍ଗ ଭାବନ୍ତି । ପାଣ୍ଡୁ ଓ ଧୃତରାଷ୍ଟ୍ର ମଧ ବିଦୂରକୁ ସର୍ବଦୈବ ନିଜ ପାଖେ ପାଖେ ରଖନ୍ତି ।

କିଛିଦିନ ରାଜକାର୍ଯ୍ୟ ଅନ୍ତେ ରାଜା ପାଣ୍ଡୁଙ୍କ ମନରେ ବିଶ୍ୱ ବିଜୟ କରିବା ଆକାଂକ୍ଷା ଜାଗ୍ରତ ହେଲା । ସସୈନ୍ୟ ସେ ଦିଗବିଜୟ ପାଇଁ ହସ୍ତିନାପୁରରୁ ବାହାରି ପ୍ରଥମେ ଶତ୍ରୁ ଦଶରଣଙ୍କୁ ପରାସ୍ତ କରି ତାଙ୍କ ରାଜ୍ୟ ହସ୍ତିନାପୁର ରାଜ୍ୟରେ ବିଲୀନ କଲେ । ପରେ ମଗଧ, ବିଦେହ, କାଶୀ, ଶମ୍ଭୁ ଓ ପୁଟ ସମେତ ବିଭିନ୍ନ ରାଜ୍ୟ ଜୟ କରି ପୃଥିବୀ ସମ୍ରାଟ ବୋଲାଇଲେ ।

ଦିନକର ଘଟଣା । ମହର୍ଷି ବେଦବ୍ୟାସ ନିଜର ତିନି ପୁତ୍ରଙ୍କୁ ଆଶୀର୍ବାଦ ପ୍ରଦାନ କରିବାକୁ ହସ୍ତିନାପୁର ପହଞ୍ଚିଲେ । ତିନି ପୁତ୍ରବଧୂ ଗାନ୍ଧାରୀ, କୁନ୍ତୀ ଓ ମାଦ୍ରୀ ମହର୍ଷି ବ୍ୟାସଙ୍କ ବହୁତ ସେବା କଲେ । ପତିଙ୍କ ଭଳି ନେତ୍ରହୀନା ଜୀବନ ବ୍ୟତୀତ କରୁଥିବା ପତିବ୍ରତା ପୁତ୍ରବଧୂ ଗାନ୍ଧାରୀଙ୍କ ସେବାରେ ଅତିଶୟ ସନ୍ତୁଷ୍ଟ ହୋଇ ତାଙ୍କୁ ତାଙ୍କ ମନ ମୁତାବକ ବର ମାଗିବାକୁ କହିବାରୁ ଗାନ୍ଧାରୀ ତାଙ୍କ ଗର୍ଭରୁ ଜନ୍ମ ନେବାକୁ ଥିବା ଶହେ ପୁତ୍ର ତାଙ୍କ ପତିଙ୍କ ଭଳି ବଳଶାଳୀ ହେବାର ବର ମାଗିବା ସହିତ ଏକ ପୁତ୍ରୀର ଜନ୍ମ କାମନା କଲେ । ମହର୍ଷି ବେଦବ୍ୟାସ ତାଙ୍କର ଇଛା ପୂର୍ଣ୍ଣ କଲେ ।

ରାଜା ପାଣ୍ଡୁ ଏକଦା ଶିକାର ଖେଳିବାକୁ ବଣକୁ ଯାଇଥିଲେ । ସାଙ୍ଗରେ ଉଭୟ ପତ୍ନୀ କୁନ୍ତୀ ଓ ମାଦ୍ରୀ । ଶିକାର ଖେଳୁଖେଳୁ ହାଠାତ ତାଙ୍କର ଦୃଷ୍ଟି ଯୁଗଳ ମୃଗଙ୍କ ଉପରେ ପଡିଲା । ଧନୁର୍ଦ୍ଧର ପାଣ୍ଡୁ ତୀର ସନ୍ଧାନ କଲେ । ମୃଗ ଓ ମୃଗୀ ଶରାଘାତ ହେବାକ୍ଷଣି ମନୁଷ୍ୟ ରୂପ ଧାରଣ କଲେ । ଦିଜଣ ମୃଗ ଓ ମୃଗୀ ନ ଥିଲେ । ସେମାନେ ଥିଲେ ଋଷି କିନ୍ଦମ ଓ ତାଙ୍କ ପତ୍ନୀ । ମୃଗ ବେଶ ଧାରଣ କରି ରତିକ୍ରୀଡା କରୁଥିଲେ । ଏଭଳି ସମୟରେ ପାଣ୍ଡୁ ଶରାଘାତ କରିଥିବାରୁ ତାଙ୍କୁ ଅଭିଶାପ ଦେଲେ । ସମ୍ଭୋଗ ସମୟରେ ତୁମେ ଯେଭଳି ଆମର ପ୍ରାଣ ହରିଲ ଠିକ ସେଭଳି ତୁମେ ତମ ପତ୍ନୀ ସହ ସମ୍ଭୋଗ କଲେ ତୁମର ପ୍ରାଣ ଯିବ କହି ଦେହତ୍ୟାଗ କଲେ । ରାଜା ପାଣ୍ଡୁ ନିଜ କର୍ମର ପ୍ରାୟଶ୍ଚିତ କରିବାକୁ ମନସ୍ଥ କରି ସନ୍ୟାସ ଆଶ୍ରମରେ ପ୍ରବେଶ କରିବାକୁ ଇଛା ପ୍ରକାଶ କଲେ । ଉଭୟ ପତ୍ନୀଙ୍କୁ ହସ୍ତିନାପୁର ପ୍ରତ୍ୟାବର୍ତ୍ତନ କରିବାକୁ ଅନୁରୋଧ କଲେ । ତାଙ୍କ ସ୍ଥାନରେ ଜ୍ୟେଷ୍ଠ ଭ୍ରାତା ଧୃତରାଷ୍ଟ୍ରଙ୍କ ରାଜ୍ୟାଭିଷେକ ପାଇଁ ତାଙ୍କ ସନ୍ଦେଶ ଭୀଷ୍ମଙ୍କୁ ଜଣେଇବାକୁ କହିଲେ । ହେଲେ କୁନ୍ତୀ ଓ ମାଦ୍ରୀ ରାଜା ପାଣ୍ଡୁଙ୍କୁ ସନ୍ୟାସ ପରିବର୍ତ୍ତେ ବାନପ୍ରସ୍ଥାଶ୍ରମରେ ପ୍ରବେଶ କରିବାକୁ ପରାମର୍ଶ ଦେଲେ । ତାଙ୍କ କଥାରେ ରାଜା ପାଣ୍ଡୁ ରାଜି ହେଲେ । ତିନିଜଣ ସ୍ୱାମୀସ୍ତ୍ରୀ କାମ ବସନା ତ୍ୟାଗ କରି ଏକତ୍ରିତ ବାନପ୍ରସ୍ଥ ଆଶ୍ରମରେ ପ୍ରବେଶ କରି ସାତଶୃଙ୍ଗ ପର୍ବତରେ ଅନ୍ୟ ବାନପ୍ରସ୍ଥିଙ୍କ ସହ କାଳାତିପାତ କରିବାକୁ ଲାଗିଲେ ।

ରାଜା ପାଣ୍ଡୁ ଋଷିଙ୍କ ଅଭିଶାପ ଭୟରୁ ଥିଲେ ସନ୍ତାନହୀନ । ସଦାସର୍ବଦା ଉଦାସ ଓ ଚିନ୍ତାଶୀଳ । ଥରେ ଦେବୀ କୁନ୍ତୀ ରାଜା ପାଣ୍ଡୁଙ୍କୁ ଅତିଶୟ ଉଦାସ ଦେଖି କହିଲେ ପିଲାବେଳେ ନିଜ ସେବା ବଳରେ ସେ ମହର୍ଷି ଦୁର୍ବାସାଙ୍କୁ ପ୍ରସନ୍ନ କରିଥିଲେ । ସେତେବେଳେ ସେ ମୋତେ ଏକ ମନ୍ତ୍ର ଦେଇ କହିଥିଲେ ଏହି ମନ୍ତ୍ର ଜପ କରି ତୁମେ ଯେକୌଣସି ଦେବତାଙ୍କୁ ଆହ୍ୱାନ କରିପାରିବ ଏବଂ ତାଙ୍କଠୁ ପୁତ୍ର ପ୍ରାପ୍ତ କରିପାରିବ । ଏହା ଶୁଣି ରାଜା ପାଣ୍ଡୁ ଅତ୍ୟନ୍ତ ଆନନ୍ଦିତ ହେଲେ । ମହର୍ଷି ଦୁର୍ବାସା ଦତ୍ତ ମନ୍ତ୍ର ଜପ କରି ଧର୍ମରାଜଙ୍କୁ ଆହ୍ୱାନ କରିବାକୁ ସେ କୁନ୍ତିଙ୍କୁ ଆଦେଶ ଦେଲେ । କୁନ୍ତୀ ପତି ଆଜ୍ଞା ପାଳନ କଲେ । ମନ୍ତ୍ର ଜପି ଧର୍ମରାଜଙ୍କୁ ଆହ୍ୱାନ କଲେ । ମନ୍ତ୍ର ବଳରେ ଧର୍ମରାଜ ତାଙ୍କ ସମ୍ମୁଖରେ ସାକ୍ଷାତ ଉପସ୍ଥିତ ହେଲେ । ଦେବୀ କୁନ୍ତୀ ନିଜ ମନୋବାଞ୍ଛା ପ୍ରକାଶ କଲେ । ଧର୍ମରାଜଙ୍କ ସଂଯୋଗରେ କୁନ୍ତୀ ଗର୍ଭ ଧାରଣ କଲେ । କୁନ୍ତୀଙ୍କ ଗର୍ଭଧାରଣ ସମୟରେ ହସ୍ତିନାପୁରରେ ଗାନ୍ଧାରୀ ମଧ ଗର୍ଭବତୀ ଥିଲେ । ଏକା ସମୟ । ପ୍ରସବ ସମୟ ଉପସ୍ଥିତ ହୁଅନ୍ତେ ଦେବୀ କୁନ୍ତୀ ଏକ ତେଜସ୍ୱୀ ପୁତ୍ର ସନ୍ତାନ ଜନ୍ମ ଦେଲେ । ଠିକ ସେହି ସମୟରେ ଆକାଶ ବାଣୀ ହେଲା ଯେ ଜନ୍ମିତ ଶିଶୁଟି ଧର୍ମାତ୍ମା, ମନୁଷ୍ୟଶ୍ରେଷ୍ଠ ଏବଂ ସତ୍ୟବାଦୀ ହେବ । ସେପଟେ ହସ୍ତୀନାପୁରରେ ଗାନ୍ଧାରୀଙ୍କ ପ୍ରସବ ସମୟ ବିତି ଯାଉଥାଏ । ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ସନ୍ତାନ ଜନ୍ମ ନ ହେବାରୁ ପତିଙ୍କ ଅଜ୍ଞାତରେ ଗାନ୍ଧାରୀ ଗର୍ଭନଷ୍ଟ କଲେ । ତାଙ୍କ ଗର୍ଭରୁ ଲୁହା ଭଳି ଏକ ଶକ୍ତ ମାଂସ ପିଣ୍ଡୁଳା ବାହାରିଲା । ସେହି ମାଂସ ପିଣ୍ଡୁଳା ଫିଙ୍ଗିବାକୁ ସେ ନିଜ ଦାସୀର ସହାୟତା ଲୋଡିଲେ । ତପ ବଳରେ ମହର୍ଷି ବେଦବ୍ୟାସ ଗାନ୍ଧାରୀଙ୍କ କୁତ୍ସିତ କର୍ମ ସମ୍ବନ୍ଧରେ ଜ୍ଞାତ ହେଲେ । ମାଂସ ପିଣ୍ଡୁଳା ନଷ୍ଟ ହେବା ପୂର୍ବରୁ ବ୍ୟାସଦେବ ହସ୍ତିନାପୁରରେ ଉପସ୍ଥିତ ହେଲେ । ଗାନ୍ଧାରୀଙ୍କୁ ୧୦୧ ଘୃତଭର୍ତ୍ତି କୁଣ୍ଡ ପ୍ରସ୍ତୁତ କରିବାକୁ ଆଜ୍ଞା ଦେଲେ । ମାଂସ ପିଣ୍ଡୁଳାରେ ଶୀତଳ ଜଳ ସିଞ୍ଚନ କରାଇଲେ । ଜଳ ପରଶରେ ମାଂସ ପିଣ୍ଡୁଳାଟି ୧୦୧ ଭାଗରେ ବିଭକ୍ତ ହେଲା । ପୂର୍ବରୁ ପ୍ରସ୍ତୁତ ଘୃତଭର୍ତ୍ତି କୁଣ୍ଡରେ ଖଣ୍ଡେ ଲେଖାଏଁ ମାଂସ ପିଣ୍ଡୁଳା ରଖି ଢଙ୍କା ହେଲା । କୁଣ୍ଡସବୁକୁ ଦୁଇବର୍ଷ ଉତ୍ତାରୁ ଖୋଲିବାକୁ ଆଜ୍ଞା ଦେଇ ମହର୍ଷି ବ୍ୟାସଦେବ ତପସ୍ୟା ପାଇଁ ଅନ୍ତର୍ଧାନ ହେଲେ ।

ଆକାଶବାଣୀ ଅନୁସାରେ କୁନ୍ତୀଙ୍କ ପୁତ୍ରର ନାମକରଣ ହେଲା । ତାଙ୍କ ନାମ ଯୁଧିଷ୍ଠିର ରଖାଗଲା । ଯୁଧିଷ୍ଠିରଙ୍କୁ ଦୁଇବର୍ଷ ପୁରିବା ପରେ ପାଣ୍ଡୁଙ୍କ ଆଦେଶ ଅନୁସାରେ କୁନ୍ତୀ ସ୍ଥିର ଚିତ୍ତରେ ମନ୍ତ୍ର ଜପ କରି ବାୟୁଦେବଙ୍କୁ ଆହ୍ୱାନ କଲେ । ତାଙ୍କ ସଂଯୋଗରୁ ବଳଶାଳୀ ଭୀମ ଜନ୍ମ ନେଲେ । ରାଜା ପାଣ୍ଡୁଙ୍କ ଏକ ଧନୁର୍ଦ୍ଧର ପୁତ୍ର ପ୍ରାପ୍ତି କାମନା ପୂର୍ଣ୍ଣ କରିବାକୁ ଦେବୀ କୁନ୍ତୀ ତୃତୀୟ ଥର ଦେବରାଜ ଇନ୍ଦ୍ର ଦେବଙ୍କୁ ଆହ୍ୱାନ କଲେ । ତାଙ୍କ ସଂଯୋଗରୁ ଧନୁର୍ଦ୍ଧର ଅର୍ଜୁନଙ୍କ ଜନ୍ମ ହେଲା । ମାତା କୁନ୍ତୀ ତିନୋଟି ପୁତ୍ର ସନ୍ତାନର ଜନନୀ ହେଲେ । ହେଲେ, ମାଦ୍ରୀଙ୍କ କୋଳ ଖାଲି ଥିଲା । ରାଜା ପାଣ୍ଡୁଙ୍କ ଆଜ୍ଞା ଅନୁସାରେ କୁନ୍ତୀ ପୁନଶ୍ଚ ଋଷି ଦୁର୍ବାସା ଦେଇଥିବା ମନ୍ତ୍ର ଜପ କଲେ, ମାଦ୍ରୀଙ୍କୁ ତାଙ୍କ ପସନ୍ଦ ଅନୁସାରେ ଦେବତା ଆହ୍ୱାନ କରିବାକୁ କହିଲେ । ମାଦ୍ରୀ ଅଶ୍ୱିନୀ କୁମାରଙ୍କୁ ଆହ୍ୱାନ କଲେ । ମନ୍ତ୍ର ବଳରେ ଦୁଇ ଅଶ୍ୱିନୀକୁମାର ଉପସ୍ଥିତ ହେଲେ ଏବଂ ମାଦ୍ରୀଙ୍କ ଗର୍ଭରୁ ଅଶ୍ୱିନୀକୁମାରଙ୍କ ଦୁଇ ଜମଜ ସନ୍ତାନ ନକୁଳ ଓ ସହଦେବଙ୍କ ଜନ୍ମ ହେଲା । ଭୀମ ଜନ୍ମ ଦିନ ହସ୍ତନାପୁରରେ କୁଣ୍ଡ ଭିତରୁ ଦୁର୍ଯୋଧନର ଜନ୍ମ ହେଲା । ତାଙ୍କ ଜନ୍ମ ପରେପରେ ଅନ୍ୟ ୯୯ ଭାଇ ଓ କନ୍ୟା ସନ୍ତାନ ଦୁଃଶୀଳାଙ୍କ ଜନ୍ମ ହେଲା । ଜନ୍ମ ବେଳେ ଦୁର୍ଯୋଧନ କ୍ରନ୍ଦନ ନକରି ଗଧଙ୍କ ଭଳି ଚିତ୍କାର କରିଥିଲା । ଏଥିସହିତ ଅନ୍ୟ କେତେକ ବିଶେଷ ଅଶୁଭ ସଂକେତ ଦେଖା ଯାଇଥିଲା । ଚିନ୍ତିତ ଧୃତରାଷ୍ଟ୍ର ଧର୍ମାତ୍ମା ବିଦୂରଙ୍କୁ ଏହାର କାରଣ ପଚାରି ବୁଝିଥିଲେ । ବିଦୂର ଥିଲେ ଭବିଷ୍ୟତ ଜ୍ଞାତା । ସେ ଭବିଷ୍ୟ ବାଣୀ କରି କହିଥିଲେ ତାରି ଯୋଗୁଁ କୁରୁବଂଶ ଲୋପ ପାଇବ । ତେଣୁ ତାକୁ ତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ । ହେଲେ, ପୁତ୍ର ମୋହ ଯୋଗୁଁ ଧୃତରାଷ୍ଟ୍ର ତାକୁ ତ୍ୟାଗ କରିପାରି ନ ଥିଲେ ।

ଗର୍ଭବତୀ ଥିବାବେଳେ ଗାନ୍ଧାରୀ ତାଙ୍କ ପତିଙ୍କ ସେବା କରିପାରୁ ନ ଥିଲେ । ସେଥିପାଇଁ ଜଣେ ଦାସୀ ନିଯୁକ୍ତ ଥିଲା । ତାରି ଗର୍ଭରୁ ଧୃତରାଷ୍ଟ୍ରଙ୍କ ଔରସରୁ ଏକ ପୁତ୍ରସନ୍ତାନ ଜନ୍ମ ନେଲା ଯାର ନାମ ପଡିଲା ଯୟୁସ୍ତୁ । ଯୟୁସ୍ତୁ ଯଶସ୍ୱୀ ଓ ପରାକ୍ରମୀ ଥିଲା । ଏପରିଭାବେ ଗାନ୍ଧାରୀ ଏବଂ ଧୃତରାଷ୍ଟ୍ରଙ୍କ ୧୦୧ ପୁତ୍ର ଜନ୍ମ ହେଲେ । ସେମାନେ କୌରବ । କୁନ୍ତୀ ଓ ମାଦ୍ରୀଙ୍କ ଗର୍ଭରୁ ଯଥାକ୍ରମେ ତିନି ଓ ଦୁଇ ପୁତ୍ର ସନ୍ତାନ ଜନ୍ମ ନେଲେ । ସେମାନେ ପାଣ୍ଡବ ଭାବେ ଖ୍ୟାତ ହେଲେ । ପାଣ୍ଡୁଙ୍କ ନାମ ଅନୁସାରେ ତାଙ୍କ ପାଞ୍ଚ ପୁତ୍ର ପାଣ୍ଡବ ଓ କୁରୁ ବଂଶ ଅନୁଯାୟୀ ଧୃତରାଷ୍ଟ୍ରଙ୍କ ଏକ ଶହ ଏକ ପୁତ୍ର କୌରବ ବୋଲାଇଲେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ଅଭିଯୋଗ କରନ୍ତୁ ନାହିଁ, ଧନ୍ୟବାଦ ଦିଅନ୍ତୁ

ମୁସଲିମ ବାଦଶାହ ମହମୂଦ ଶିକାର କରି ନିଜର ଚାକର ସହିତ ଫେରୁଥିଲେ । ସେ ରାସ୍ତା ଭୁଲିଗଲେ । ଭୋକ ଲାଗିବାରୁ ଗୋଟିଏ ଫଳଭରା ଗଛ ତଳେ ଠିଆ ହୋଇଗଲେ । ବୃକ୍ଷ ବିଷୟରେ ଜାଣି ନ ଥିଲେ, ତେଣୁ ଫଳ ସମ୍ବନ୍ଧରେ ଜ୍ଞାନ ନ ଥିଲା । ମହମୂଦ ଗୋଟିଏ ଫଳକୁ ତୋଳିଲେ ଏବଂ ଚାକୁ ବାହାର କରି ସେଥିରୁ ଖଣ୍ଡେ କାଟି ଚାକରକୁ ଦେଲେ । ଏହା ତାଙ୍କର ସ୍ୱଭାବ ଥିଲା । ନିଜର ପରିଜନମାନଙ୍କୁ ସମ୍ମାନ ଦେଲା ଭଳି ନିଜର ଚାକର –ବାକରଙ୍କୁ ମଧ ସମ୍ମାନ ଦେଉଥିଲେ । ଚାକରମାନଙ୍କୁ ଶୋଷଣ କରି, ସେମାନଙ୍କ ପେଟରୁ କାଟି ସେ ନିଜର କୋଷ ବଢ଼ାଉ ନଥିଲେ । ସେମାନଙ୍କୁ ଅଭାବରେ ରଖି ବାହାରେ ଦାନ–ପୁଣ୍ୟ, ପରୋପକାର କରିବାକୁ ସେ ଛଳ ଓ ପାପ ବୋଲି ବୁଝୁଥିଲେ । ସେ ଧର୍ମର ମର୍ମକୁ ଭଲ ଭାବେ ବୁଝିଥିଲେ । ଚାକରଟି ଖାଇଲା । ବଡ଼ ଅହୋଭାବରେ କହିଲା- ‘‘ଆଉ ଖଣ୍ଡେ ।’’

ଏହିପରି ଫଳର ତିନି ଭାଗ ସେ ଖାଇଦେଲା । ସେ ଆହୁରି ମାଗିଲା । ଏହି ସମୟରେ ସେମାନେ ଚାଲି ଚାଲି ଆଗକୁ ବଢୁଥିଲେ, ତେଣୁ ଆଉ ଫଳ ତୋଳିବା ମଧ ସମ୍ଭବ ନ ଥିଲା । ମହମୂଦ କହିଲେ– ‘ଏବେ ମୋତେ ଖଣ୍ଡେ ଖାଇବାକୁ ସୁଯୋଗ ଦିଅ ।’’ କିନ୍ତୁ ସେ ମାନିଲା ନାହିଁ ଏବଂ ତାଙ୍କ ଠାରୁ ଫଳ ଛଡ଼ାଇନେବାକୁ ଚାହିଁଲା । ବାଦଶାହ ଫଳକୁ ଜଲଦି ପାଟିରେ ପକାଇ ଦେଲେ । ଏତେ ପିତା ଫଳ ସେ ଜୀବନରେ କେବେ ଖାଇ ନ ଥିଲେ । ସେ ଥୁକିଦେଲେ ଏବଂ ଚାକରକୁ ପଚାରିଲେ– ‘ଏହା ତ ତିକ୍ତ ଫଳ, ତୁମେ କହିଲ ନାହିଁ କାହିଁକି ? ଖାଇଦେଲ କାହିଁକି ?

ଚାକର କହିଲା – ‘ଯେଉଁ ହାତରୁ ଏତେ ସ୍ୱାଦିଷ୍ଟ ଫଳ ମିଳୁଛି, ସେଇ ହାତରୁ ମିଳିଥିବା ଗୋଟିଏ ପିତାଫଳ ପାଇଁ କ’ଣ ଅଭିଯୋଗ କରିବି ? ମହମୂଦ ଚାକରକୁ ଛାତିରେ ଲଗାଇଦେଲେ । ଅଭିଯୋଗ ଆମକୁ ଦୂରେଇ ଦିଏ, ଧନ୍ୟବାଦ ପାଖକୁ ଆଣିଥାଏ । କଠୋରତା– ଶୋଷଣ ସର୍ବନାଶ କରିଥାଏ ।ସହଯୋଗ- ସମତ୍ୱ- ସମର୍ପଣ ବିକାଶର ଦ୍ୱାର ଖୋଲିଥାଏ ।

ଆମର ପାତ୍ରତା କ’ଣ ? ଯୋଗ୍ୟତା କ’ଣ ? ସାମର୍ଥ୍ୟ କ’ଣ ? କିଛି ନୁହେଁ । ଯାହା କିଛି ଆମକୁ ମିଳିଛି, ତାହା ଅନେକଙ୍କ ପାଇଁ ସପନ । ଏହା ପ୍ରଭୁଙ୍କର ଅନୁକଂପା, ତାଙ୍କର ପ୍ରସାଦ ଅଟେ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

## ଆଜିର ଚିନ୍ତନ

ମଣିଷ ଜୀବନରେ ବିଭିନ୍ନ ପ୍ରକାରର ଆନନ୍ଦକୁ ଅନୁଭବ କରିଥାଏ । ସବୁ ପ୍ରକାର ଆନନ୍ଦ ସବୁବେଳେ ରହେ ନାହିଁ । ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ରହୁଥିବା ଆନନ୍ଦ ମଣିଷକୁ ସର୍ବଦା ଆନନ୍ଦ ଦେଇପାରିବ ନାହିଁ । ଇନ୍ଦ୍ରିୟ ସୁଖର ଆନନ୍ଦ ଅଳ୍ପ ସମୟ ପର୍ଯ୍ୟନ୍ତ ରହିଥାଏ । ଉପଭୋଗ କଲେ ଆନନ୍ଦ ମିଳିଥାଏ ଓ କିଛି ସମୟପରେ ପୁଣି ଆବଶ୍ୟକ ହୋଇଥାଏ । ଯାହାକୁ ଭୌତିକ ଆନନ୍ଦ କହିଥାଉ । ଏହି ପ୍ରକାର ଆନନ୍ଦ ଦେଖିବା, ଶୁଣିବା, ଆଘ୍ରାଣ କରିବା,ଖାଇବା ଓ ସ୍ପର୍ଶ କରି ଅନୁଭବ କରି ହୋଇଥାଏ । ଆଉ କିଛି ଆନନ୍ଦ ଆସିଥାଏ ଯେତେବେଳେ ଆପଣ କାହାକୁ କିଛି ସାହାଯ୍ୟ କରୁଛନ୍ତି । ଆପଣ ସଫଳତା ପାଇଲେ କିମ୍ବା ଆପଣଙ୍କ ମନ କୌଣସି ପ୍ରିୟ କାମ କରିବା ପାଇଁ ଆଗ୍ରହ କରିବ ସେତେବେଳେ ମଧ ଆପଣ ଆନନ୍ଦିତ ହେବେ । ଏହି ଆନନ୍ଦ ଆପଣଙ୍କ ଭିତରେ ଆସିଥାଏ ଏହା କିଛି ଦିନ ଅଧିକ ରହିଥାଏ । ଯେତେବେଳେ ଆମେ ଦେଶ ପାଇଁ, ସମାଜ ପାଇଁ, ଜାତି ପାଇଁ କିଛି କାମକରୁ, ପରିବେଶ ପାଇଁ ଗଛ ଲଗାଇ ଥାଉ, ରୋଗୀ ସେବା କରିଥାଉ, ଲୋକଙ୍କୁ ବିଭିନ୍ନ ପ୍ରକାରର ସହଯୋଗ କରିଥାଉ, ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ କିଛି କାମ କରୁ ସେଥିପାଇଁ ମଧ ଆମେ ଆନନ୍ଦ ପାଇଥାଉ । ଆମେ ନୂଆ କିଛି ଶିଖେ, ଜାଣିଲେ, ପୁସ୍ତକ ଅଧ୍ୟୟନ କଲେ, କିଛି ବୈଜ୍ଞାନିକ ପଦ୍ଧତି ଉପରେ ଜ୍ଞାନ ହେଲେ, ବିଭିନ୍ନ ପ୍ରକାରର ସାମାଜିକ ଗଣମାଧମ ଗୁଡିକରୁ ନୂଆ ନୂଆ ତଥ୍ୟ ଜାଣିଲେ ନିଶ୍ଚିତ ଭାବରେ ଆନନ୍ଦ ଅନୁଭବ କରିଥାଉ । ଉପରୋକ୍ତ ପ୍ରତ୍ୟେକ ଆନନ୍ଦ ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ରହିଥାଏ । କିନ୍ତୁ ଆଧାତ୍ମିକ ଆନନ୍ଦ ଲମ୍ବା ସମୟ ପର୍ଯ୍ୟନ୍ତ ରହି ବିଚାରକୁ ଶୁଦ୍ଧ, ବିବେକକୁ ତୀକ୍ଷ୍ଣ ଓ ବିକାରକୁ ଅପସାରଣ କରିଥାଏ । ଆଧାତ୍ମିକ ଆନନ୍ଦ ଧାନ, ଭକ୍ତି, ଆରାଧନା, ସତସଙ୍ଗ ଓ ନିଃ ସ୍ୱାର୍ଥପର ସେବା ମାଧମରେ ପ୍ରାପ୍ତି ହୋଇଥାଏ । ଅନେକ ପ୍ରକାରର ଆନନ୍ଦ ମଧରେ ରହିଛି- ଶରୀରର ଆନନ୍ଦ, ମନର ଆନନ୍ଦ, ସେବାର ଆନନ୍ଦ, ଜ୍ଞାନର ଆନନ୍ଦ ଓ ଆତ୍ମାର ଆନନ୍ଦ । ଏତେ ସବୁ ଆନନ୍ଦ ମଧରେ ଆତ୍ମାର ଆନନ୍ଦ ହିଁ ସର୍ବୋତ୍ତମ ଅଟେ । ତେଣୁ ସବୁପ୍ରକାର ଆନନ୍ଦ ସମାନ ନୁହେଁ । ଯେଉଁ ଆନନ୍ଦ ମଣିଷକୁ ଅନନ୍ତ ସୁଖ ପ୍ରଦାନ କରେ ସେହି ଆନନ୍ଦ ପାଇବା ପାଇଁ ସର୍ବଦା ଚେଷ୍ଟା କରିବା ଉଚିତ ।

ବର୍ଷ ୨୯, ସଂଖ୍ୟା - ୪୭, ୨୩ - ୨୯ ନଭେମ୍ବର ୨୦୨୫


# ଉପାଧିର ଅପବ୍ୟବହାର ନ ହେଉ

ମଧୁବାବୁ ଏକ ପ୍ରସ୍ତାବ ଆଗତ କଲେ ଏବଂ ସତ୍ୟନାରାୟଣ ସେନ ମଧୁବାବୁଙ୍କ ପ୍ରସ୍ତାବକୁ ସମର୍ଥନ କରି କହିଲେ- "ସଭାପତି ଆଚାର୍ଯ୍ୟ ଦେବ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ "ଉତ୍କଳମଣି" ବୋଲି କହିଛନ୍ତି । ସେ ପ୍ରକୃତରେ ଉତ୍କଳମଣି । ସେଦିନ ସଭାରେ ଉପସ୍ଥିତ ଥିବା ୧୨୦୦ ପ୍ରତିନିଧି ଓ ପ୍ରାୟ ୨୦୦୦ ଦର୍ଶକ କରତାଳି ଓ ହର୍ଷ ଉଲ୍ଲାସ ସହ ଏହାକୁ ସମର୍ଥନ କଲେ । ସେହିଦିନୁ ଦୀନ ଦୁଃଖୀଙ୍କ ସେବାରେ ସମର୍ପିତ ତଥା ଉତ୍କଳମାତା ପାଇଁ ଲୁହ ଢାଳୁଥିବା ଗୋପବନ୍ଧୁ ଜନମୁଖରେ ଉତ୍କଳମଣି ଗୋପବନ୍ଧୁ ହୋଇଗଲେ । ଏହା କୌଣସି ରାଜଦତ୍ତ ବା ସରକାରୀ ଉପାଧି ନୁହେଁ । ଏହା ସାଧାରଣ ଲୋକଙ୍କ ସ୍ୱତଃସ୍ଫୁର୍ତ୍ତ ଭଲ ପାଇବାର ପରିଣାମ ।

ସେମିତି ଆମ ଓଡ଼ିଆ ଜାତିର ପ୍ରାତଃ ସ୍ମରଣୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରସଙ୍ଗ । ଯଦିଓ ପ୍ରାଚୀନ କାଳରେ ଅନେକ କବିଙ୍କୁ ରାଜଦତ୍ତ ଉପାଧି ମିଳିଛି, ଉପେନ୍ଦ୍ର ଭଞ୍ଜଙ୍କୁ ଏହି କବି ସମ୍ରାଟ ସମ୍ମାନ କୌଣସି ରାଜାନୁଗ୍ରହରୁ ମିଳିନାହିଁ । ତାଙ୍କର ପ୍ରଜ୍ଞା ଓ ସଂସ୍କୃତି ପଣ୍ଡିତ ମାନଙ୍କୁ ଶବ୍ଦରେ ଅସ୍ତ୍ରରେ ପରାହତ କରିବାର ଶକ୍ତିକୁ ଦେଖି ପରବର୍ତ୍ତୀ ସମୟରେ କବିଶେଖର ଚିନ୍ତାମଣି ତାଙ୍କର 'ଘୁମୁସର ପଦ୍ୟରେ ଉପେନ୍ଦ୍ର ଭଞ୍ଜଙ୍କୁ କବି ସମ୍ରାଟ ବୋଲି ସମ୍ବୋଧନ କରିଛନ୍ତି । ଉତ୍କଳୀୟମାନେ ସେହି ମହାନ କବି ଉପେନ୍ଦ୍ରଙ୍କୁ ମଧ ସମ୍ରାଟର ଆସନରେ ସ୍ଥାପନ କରି ଆସିଥିବାରୁ ଲୋକମୁଖରେ ସେ କବି ସମ୍ରାଟ ଭାବେ ଗୃହୀତ ହୋଇଗଲେ ।

ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ ଫକୀର ମୋହନ ସେନାପତି ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି ଯେ "୧୯୧୬ ଖ୍ରୀଷ୍ଟାବ୍ଦରେ ମୁଁ ବାମଣ୍ଡାରୁ "ସରସ୍ୱତୀ ଉପାଧି ପାଇଅଛି । ସୁର ତରଙ୍ଗିଣୀ ସାରସ୍ୱତ ସମିତି ମୋତେ ଏହି ଉପାଧିରେ ଭୂଷିତ କରି ଅଛନ୍ତି । ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଏହି ସଭାର ସଭାପତି ହୋଇଥିଲେ । ତାହେଲେ ଫକୀରମୋହନ ଲୋକମୁଖରେ ବ୍ୟାସକବି କିପରି ହେଲେ ? ଯେମିତି ଗଙ୍ଗାଧର ମେହେରଙ୍କୁ ଆମେ ସ୍ୱଭାବ କବି କହିଲୁ, ଯେମିତି ନନ୍ଦ କିଶୋର ବଳଙ୍କୁ ଆମେ ପଲ୍ଲୀକବି କହିଲୁ ବା ରବି ସିଂ ଙ୍କୁ ବିପ୍ଳବୀ କବି କହିଲୁ, ସେମିତି ସାରସ୍ୱତ ସାଧକ ମାନଙ୍କର ରଚନାର ପ୍ରଭାବ ଓ ବୈଶିଷ୍ଟ୍ୟକୁ ଭିତ୍ତିକରି ଅନେକ ସମୟରେ ଅନେକ ସ୍ରଷ୍ଟା ଲୋକ ମୁଖରେ ଆପଣା ଛାଏଁ ଏକ ଉପାଧିଯୁକ୍ତ ହୋଇ ଯାଇଛନ୍ତି । ଏହା ସେହି ସାଧକ ମାନଙ୍କ ସୃଷ୍ଟି ଓ ସାଧନା ପ୍ରତି ସାଧାରଣ ନାଗରିକ ସମାଜର ସ୍ୱତଃ ସ୍ଫୁର୍ତ୍ତ ଶ୍ରଦ୍ଧା ଓ ସମ୍ମାନ ।

ସରକାରୀ ସ୍ତରରେ ତ 'ପଦ୍ମ' ପୁରସ୍କାର ଠାରୁ ଭାରତ ରତ୍ନ ପରି ଏକାଧିକ ସମ୍ମାନ ୧୯୫୪ ମସିହାଠାରୁ ଦିଆ ହୋଇ ଆସୁଛି । ବେସରକାରୀ ସ୍ତରରେ ସାହିତ୍ୟ, କ୍ରୀଡା ଆଦି ବିଭିନ୍ନ କ୍ଷେତ୍ର ପାଇଁ କେତେକ ପୁରସ୍କାର- ସମ୍ମାନ ଆଦି ପ୍ରଦାନ କରାଯାଉଛି । ଜଣେ ବ୍ୟକ୍ତିଙ୍କୁ ତାଙ୍କର କର୍ମ ଓ କୀର୍ତ୍ତି, ତ୍ୟାଗ ଓ ତପସ୍ୟା, ସାଧନା ଓ ସିଦ୍ଧି ପାଇଁ ସମ୍ମାନିତ ବା ପୁରସ୍କୃତ କରିବା ନିଶ୍ଚୟ ଏକ ପ୍ରେରଣାଦାୟୀ ପ୍ରସଙ୍ଗ । କିନ୍ତୁ ପ୍ରତ୍ୟେକ କଥାର ଏକ ସୀମା ସରହଦ ଯେପରି ଥାଏ, ଏହି ସମ୍ମାନ- ସମ୍ବର୍ଦ୍ଧନା- ପୁରସ୍କାର ତଥା ଉପାଧିର ମଧ ସୀମା ସରହଦ ରହିବା ଏକାନ୍ତ ଆବଶ୍ୟକ । ଏବେ ସହରରୁ ଗାଁ ଯେଉଁଠି ସଭା ହେଉଛି, ସେଠାରେ ଏହିପରି ଉପାଧି ବିତରଣ ଏକ ସାଧାରଣ ଘଟଣା ହୋଇ ଗଲାଣି । ଦାତା- ଗ୍ରହୀତା ଉଭୟ ଯଦି ଏହି ପ୍ରକ୍ରିୟାରେ ଉପକୃତ ହେଉଛନ୍ତି କିଏ ବା କାହିଁ ପ୍ରତିବାଦ କରିବ ? କିନ୍ତୁ ପ୍ରଶ୍ନ ହେଉଛି କିଛି ସମ୍ମାନ ଓ କିଛି ଉପାଧି ଲୋକ ଜୀବନରେ ଏପରି ଗଭୀର ପ୍ରଭାବ ରଖୁଛି, ଯାହାର ସାମାନ୍ୟତମ ଅବମୂଲ୍ୟାୟନ ମନରେ କଷ୍ଟଦିଏ ଓ ସମ୍ପୂର୍ଣ୍ଣ ସମାଜକୁ ଚିନ୍ତାଗ୍ରସ୍ତ କରେ । ଉଦାହରଣ ସ୍ୱରୂପ ଆମ ଓଡ଼ିଆ ଭାଷାରେ ଆଉ ଯିଏ ଯେତେ ବଡ଼ କବି ହେଲେ ବି ଆମେ କଣ ତାଙ୍କୁ 'କବି ସମ୍ରାଟ" ଉପାଧି ଦେଇ ପାରିବା ? ନା, ପଲ୍ଲୀ ଚେତନାକୁ ନେଇ ସଚ୍ଚି ରାଉତରାୟ ବା ବିନୋଦ ନାୟକ ଯେତେ ହୃଦୟ ଛୁଆଁ କବିତା ଲେଖିଲେ ବି ଆମେ ତାଙ୍କୁ ପଲ୍ଲୀକବି କହି ପାରିଲେ ? କବିତା ଲେଖୁଥିବା ସମସ୍ତ ବ୍ୟକ୍ତିଙ୍କୁ ଆମେ କବି କହୁଛୁ କିନ୍ତୁ 'କବିବର' କହିଲେ ଆମେ ସ୍ୱତଃ ବୁଝୁ ରାଧାନାଥ ରାୟଙ୍କୁ । ତେଣୁ ଆମ ସମାଜ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଥିବା କିଛି ବ୍ୟକ୍ତିଙ୍କୁ ସ୍ୱତଃସ୍ଫୁର୍ତ୍ତ ଭାବେ ବା କାହାର କାହାର ଆବେଗ ଜନିତ ସମ୍ବୋଧନରେ ଆମେ ଯେଉଁ ଆସନରେ ବସାଇଛୁ ସେଥିପାଇଁ ସେମାନେ ହିଁ କେବଳ ଯୋଗ୍ୟ, ସେଥିରେ ଆଉ କାହାର ଅଧିକାର ନାହିଁ । ସେହିପରି ଜ୍ଞାନପୀଠ, ସରସ୍ୱତୀ ବା ଅନ୍ୟ ଅନେକ ସମ୍ମାନ କେତେକ ସଂସ୍ଥାର ନିଜସ୍ୱ ସମ୍ପତ୍ତି । ତାହାର ଅପବ୍ୟବହାର ମଧ ଆଇନ ସମ୍ମତ ନୁହେଁ । କିନ୍ତୁ ଜାଣତରେ ହେଉ ବା ଅଜାଣତରେ ହେଉ, ଅନେକ ସଂସ୍ଥା ଜାତିର ଆବେଗ ବିଜଡିତ ଉପାଧି ଓ ଘରୋଇ ସଂସ୍ଥାର ଆଇନ ସମ୍ମତ ଓ ବୌଦ୍ଧିକ ସମ୍ପତ୍ତିକୁ ନେଇ ନିଜ ନିଜର ସାଙ୍ଗଠନିକ କାର୍ଯ୍ୟରେ ବ୍ୟବହାର କରି ନେଇଛନ୍ତି । ଯାହା ଫଳରେ ସେହି ପୂର୍ବ ପ୍ରଚଳିତ ସମ୍ମାନ ବା ପୁରସ୍କାରର ଅବମୂଲ୍ୟାୟନ ହେବା ସହ ତାହାର ପ୍ରାପକମାନେ ତା'ର ଅସଦ୍ ବ୍ୟବହାର ମଧ କରୁଛନ୍ତି । କିନ୍ତୁ ଅନ୍ୟ ପକ୍ଷରେ ସାଧାରଣ ସଭା ସମିତିରୁ 'ରତ୍ନ' 'ଗର୍ବ' 'ଗୌରବ' ଆଦି ଉପାଧି ହାସଲ କରିଥିବା କିଛି ବ୍ୟକ୍ତି ସେହି ଉପାଧି ଏପରି ବିଜ୍ଞାପିତ କରୁଛନ୍ତି ଯେ, ପ୍ରକୃତ ଉପାଯୋଗ୍ୟ ପ୍ରତିଭାମାନେ ଲାଜରେ ମୁହଁ ଲୁଚାଇବାକୁ ବାଧ ହେଉଛନ୍ତି । ଏଣୁ ସମାଜରେ ପ୍ରସାରିତ ହେଉଥା ପ୍ରତ୍ୟେକ ପ୍ରସଙ୍ଗରେ ଯେମିତି ନିର୍ଦ୍ଦିଷ୍ଟ ନୀତି ନିୟମ ଓ ସୀମା- ସରହଦ ଥାଏ ସେମିତି ଏ ସମ୍ମାନ ଓ ଉପାଧି ପ୍ରସଙ୍ଗରେ ମଧ ଅଙ୍କୁଶ ରହିବା ଆବଶ୍ୟକ । ତା' ନହେଲେ ଆମ ଗାଁର ରାମ ବାରିକ କି ଆଉ କାହା ଗାଁର ଶ୍ୟାମ ମହାନ୍ତି କେଉଁଦିନ ଉତ୍କଳମଣି ଉପାଧି ପାଇପାରେ ବା, କୋଉ ସଂସ୍ଥା କାହାକୁ 'ଅମୁକ ଜ୍ଞାନପୀଠ' ବା 'ସମୁକ ସରସ୍ୱତୀ' ସମ୍ମାନ ନିର୍ବିଘ୍ନରେ ପ୍ରଦାନ କରିପାରେ ।



# ମୋର ବ୍ରହ୍ମଚର୍ଯ୍ୟ

## ମହାତ୍ମା ଗାନ୍ଧୀ

ମୋ' ଲାଗି ଶାରୀରିକ ବ୍ରହ୍ମଚର୍ଯ୍ୟର ପାଳନ ମଧ ନାନା ବାଧାରେ ପୂର୍ଣ୍ଣ ହୋଇ ରହି ଆସିଛି । ବର୍ତ୍ତମାନ ମୁଁ ବେଶ୍ ନିରାପଦ ଅନୁଭବ କରୁଛି ବୋଲି ଏବେ ହୁଏତ କହିପାରିବି, ମାତ୍ର ମୋ' ଲାଗି ଏବେ ମଧ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଥିବା ଭାବନା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିବା ତଥାପି ବାକି ରହିଛି । ମୋ' ଠାରେ ଇଚ୍ଛାଶକ୍ତି କିମ୍ବା ଉଦ୍ୟମର ଯେ ଅଭାବ ରହିଛି, ସେ କଥା ଆଦୌ ନୁହେଁ, ମାତ୍ର ନାନା ଅବାଞ୍ଛିତ ଭାବନା କେଉଁଠାରୁ ଆସି ଯେ ସେମାନଙ୍କର ଅନିଷ୍ଟକାରୀ ଆକ୍ରମଣ ଆରମ୍ଭ କରି ଦେଉଛନ୍ତି, ତାହା ମୋ' ଲାଗି ଏବେ ମଧ ଏକ ସମସ୍ୟା ହୋଇ ରହିଛି ।

ଅବାଞ୍ଛିତ ଭାବନାଗୁଡ଼ିକୁ ବନ୍ଦ କରି ରଖିବାକୁ ଯେ ଗୋଟାଏ ଚାବି ଅବଶ୍ୟ ରହିଛି, ମୋ'ର ସେ ବିଷୟରେ କୌଣସି ସନ୍ଦେହ ନାହିଁ । ମାତ୍ର ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱୟଂ ସେହି ଚାବିଟି ପାଇବାକୁ ପଡିବ । ସନ୍ଥ ଓ ଦ୍ରଷ୍ଟାମାନେ ଆମଲାଗି ସେମାନଙ୍କର ଅଭିଜ୍ଞତାଗୁଡିକୁ ରଖି ଯାଇଛନ୍ତି, ମାତ୍ର ସେମାନେ ଆମକୁ କୌଣସି ଅକାଟ୍ୟ ଓ ସର୍ବଜନୀନ ଉପାୟ ଆଦୌ ବତାଇ ଦେଇ ନାହାନ୍ତି । କାରଣ, ପରିପୂର୍ଣ୍ଣତା ଅର୍ଥାତ୍ ଯାବତୀୟ ଭୁଲରୁ ମୁକ୍ତି କେବଳ କରୁଣାରୁ ହିଁ ଆସିଥାଏ ଏବଂ ତେଣୁ ଈଶ୍ୱର ଅନ୍ୱେଷକମାନେ ଆମପାଇଁ ରାମ ନାମ ଆଦି ମନ୍ତ୍ରମାନ ରଖି ଯାଇଛନ୍ତି । ସେହି ମନ୍ତ୍ରଗୁଡିକ ସେମାନଙ୍କର ନିଜ ତପସ୍ୟା ଦ୍ୱାରା ପବିତ୍ରୀକୃତ ହୋଇ ରହିଛି ଏବଂ ସେମାନଙ୍କର ପୂତ ଜୀବନ ଦ୍ୱାରା ପ୍ରେରଣାପୂର୍ଣ୍ଣ ହୋଇ ରହିଛି ।

ତାଙ୍କର କରୁଣା ପାଖରେ ନିଜକୁ ଅକୁଣ୍ଠିତ ଚିତ୍ତରେ ସମର୍ପିତ କରି ନ ଦେଲେ ଭାବନା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆଦୌ ସମ୍ଭବ ହେବ ନାହିଁ । ପ୍ରତ୍ୟେକ ମହାନ୍ ଧର୍ମପୁସ୍ତକ ଆମକୁ ସେହି ଶିକ୍ଷା ହିଁ ଦେଇଛନ୍ତି ଏବଂ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ହାସଲ କରିବାର ମାର୍ଗରେ ମୁଁ ପ୍ରତ୍ୟେକ ମୁହୂର୍ତ୍ତରେ ହିଁ ଏହାର ସତ୍ୟକୁ ଉପଲବ୍ଧି କରୁଛି ।

ଯାବତୀୟ କର୍ମମୟତା ମଧରେ ବାସ କରୁଥିଲେ ମଧ ମୁଁ ବେଶ୍ ସଫଳତା ସହିତ ପ୍ରାୟ ତିରିଶ ବର୍ଷରୁ ଅଧିକ କାଳ ବ୍ରହ୍ମଚର୍ଯ୍ୟ ପାଳନ କରି ଆସିଛି । ଜଣେ ବ୍ରହ୍ମଚାରୀର ଜୀବନ ଅତିବାହିତ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିବା ପରେ, କେବଳ ମୋ' ସ୍ତ୍ରୀ ସହିତ ମୋ'ର ସମ୍ପର୍କକୁ ଛାଡିଦେଲେ ମୋ'ର ବାହ୍ୟ ଆଚରଣରେ ପ୍ରାୟ ଆଦୌ କୌଣସି ପରିବର୍ତ୍ତନ ହୋଇ ନାହିଁ ।

ମୋ ବ୍ରହ୍ମଚର୍ଯ୍ୟ ବ୍ରତକୁ ମୁଁ ଗ୍ରନ୍ଥଗୁଡିକୁ ଖୋଜି ପାଇନାହିଁ । ମୋ' ନିଜର ତଥା ଅନ୍ୟ ଯେଉଁମାନେ ମୋ'ର ଆମନ୍ତ୍ରଣକ୍ରମେ ମୋ' ସହିତ ଏହି ପ୍ରୟୋଗରେ ଯୋଗ ଦେଇଥିଲେ, ସେମାନଙ୍କର ମାର୍ଗଦର୍ଶନ ଲାଗି ମୁଁ ମୋ' ନିଜର ନିୟମଗୁଡିକୁ କ୍ରମଶଃ ଆବିଷ୍କାର କରି ଆଣିଛି । ଆଉ କେଉଁଠି ବତାଇ ଦିଆଯାଇଥିବା ନିଷେଧଗୁଡିକୁ ମୁଁ କେବେହେଲେ ଅନୁସରଣ କରି ନାହିଁ, ଯେଉଁ ସବୁ ଧାର୍ମିକ ଗ୍ରନ୍ଥରେ ନାରୀକୁ ଯାବତୀୟ ଅନିଷ୍ଟ ଓ ପ୍ରଲୋଭନର ମୂଳ ବୋଲି ବର୍ଣ୍ଣନା କରାଯାଇଛି, ମୁଁ ସେଗୁଡିକୁ ଆହୁରି କମ୍ ପରିମାଣରେ ଗ୍ରହଣ କରିଛି । ସେହି ଧର୍ମପୁସ୍ତକଗୁଡିକରେ ଯାହାକିଛି ଭଲ କଥା ରହିଛି, ତାହାକୁ ମୁଁ ମୋ ମାଆଠାରୁ ପାଇଛି । ନାରୀକୁ ମୁଁ କେବେହେଲେ କାମବାସନା ଚରିତାର୍ଥ କରିବାର ଏକ ବସ୍ତୁରୂପେ ନଦେଖି ସେମାନଙ୍କୁ ମୋ' ନିଜ ମାଆକୁ ଦେଉଥିବା ସମ୍ମାନର ସହିତ ଦେଖି ଆସିଛି । ପୁରୁଷ ହିଁ ପ୍ରଲୋଭିତ କରାଏ, ପୁରୁଷ ହିଁ ଆକ୍ରମଣ କରିଥାଏ । ନାରୀର ସ୍ପର୍ଶ କେବେହେଲେ ପୁରୁଷକୁ ଅପବିତ୍ର କରିଦିଏ ନାହିଁ । ମାତ୍ର ପୁରୁଷ ସ୍ୱୟଂ ଅନେକ ସମୟରେ ଏତେ ଅପବିତ୍ର ହୋଇ ରହିଥାଏ ଯେ ସେ ନାରୀକୁ ସ୍ପର୍ଶ କରିବାର ଯୋଗ୍ୟତାକୁ ହରାଇ ବସିଥାଏ । ମୁଁ କେବଳ ପ୍ରୟୋଗ କରୁଛି । ମୋ' ନିଜର ସଂଜ୍ଞା ଅନୁସାରେ ମୁଁ ନିଜକୁ ଜଣେ ପୂର୍ଣ୍ଣ ବ୍ରହ୍ମଚାରୀ ବୋଲି କେବେହେଲେ ଦାବି କରି ନାହିଁ । ଅହିଂସା ବିଷୟରେ ମୋ'ର ଗବେଷଣାଗୁଡିକ ନିମନ୍ତେ ନିଜ ଭାବନା ଉପରେ ମୋ'ର ଯେତିକି ନିୟନ୍ତ୍ରଣ ରହିବା ଉଚିତ୍ ମୁଁ ସେହି ନିୟନ୍ତ୍ରଣକୁ ଅର୍ଜନ କରି ପାରିନାହିଁ । ଯଦି ମୋ'ର ଅହିଂସାକୁ ସଂକ୍ରମଣକ୍ଷମ ତଥା ବ୍ୟାପ୍ତି ସମର୍ଥ ହେବାକୁ ହୁଏ ତେବେ ମୋତେ ମୋ'ର ଭାବନାଗୁଡିକ ଉପରେ ଆହୁରି ଅଧିକ ନିୟନ୍ତ୍ରଣ ଅର୍ଜନ କରିବାକୁ ପଡିବ ।

ଯେଉଁ ଦିନ ଠାରୁ ମୁଁ ବ୍ରହ୍ମଚର୍ଯ୍ୟ ବ୍ରତର ପାଳନ ଆରମ୍ଭ କଲି, ସେହି ଦିନଠାରୁ ଆମର ସ୍ୱାଧୀନତା ଆରମ୍ଭ ହେଲା । ମୋ'ର ପତ୍ନୀ ଜଣେ ସ୍ୱାଧୀନ ନାରୀ ହେଲେ, ତାଙ୍କର ସ୍ୱାମୀ ଏବଂ ପ୍ରଭୁ ହିସାବରେ ରହିଥିବା ମୋ'ର ସକଳ କର୍ତ୍ତୃତ୍ୱରୁ ମୁକ୍ତ ହେଲେ । ମୁଁ ମଧ ସିଏ ଚରିତାର୍ଥ କରିବାକୁ ବାଧ ହେଉଥିବା ମୋ'ର କାମ ଲାଳସାର ଦାସ ହୋଇ ରହିବାରୁ ମୁକ୍ତି ଲାଭ କଲି । ମୋ' ନିଜ ସ୍ତ୍ରୀ'ର ମୋ' ଲାଗି ଯେତିକି ଆକର୍ଷଣ ରହିଥିଲା, ସେହି ଅର୍ଥରେ ମୋ' ଲାଗି ଅନ୍ୟ କୌଣସି ନାରୀର ସେତେ ଆକର୍ଷଣ ନ ଥିଲା । ସ୍ୱାମୀ ହିସାବରେ ମୁଁ ତା' ପ୍ରତି ଅତ୍ୟନ୍ତ ଅନୁଗତ ଥିଲି ଏବଂ ଅନ୍ୟ କୌଣସି ନାରୀ ପ୍ରତି କଦାପି ଆନୁଗତ୍ୟ ଦେଖାଇବି ନାହିଁ ବୋଲି ମୁଁ ମୋ' ମାଆଙ୍କ ପାଖରେ ଶପଥ ନେଇଥିଲି, ସେହି ଶପଥ ପ୍ରତି ମଧ ଅତ୍ୟନ୍ତ ଅନୁଗତ ରହିଥିଲି । ମାତ୍ର ମୋ'ର ବ୍ରହ୍ମଚର୍ଯ୍ୟ ବ୍ରତ ଯେପରି ଭାବରେ ମୋ' ଜୀବନକୁ ଆସିଥିଲା, ତାହା ଅତ୍ୟନ୍ତ ଅପ୍ରତିରୋଧଭାବରେ ହିଁ ନାରୀକୁ ପୁରୁଷର ମାତାରୂପେ ଦେଖିବା ଲାଗି ମୋତେ ପ୍ରେରିତ କରି ନେଇଥିଲା । ନାରୀ ମୋତେ ଏତେ ପବିତ୍ର ବୋଧ ହେଲା ଯେ, ସେହି କ୍ଷେତ୍ରରେ ଯୌନ ସମ୍ଭୋଗ ଲାଗି ଆଉ କୌଣସି ଅବକାଶ ନ ଥିଲା । ଏହିପରି ଭାବରେ ପ୍ରତ୍ୟେକ ନାରୀ ସେହି ମୁହୂର୍ତ୍ତଠାରୁ ମୋ'ର ଭଗିନୀ ଅଥବା କନ୍ୟା ହୋଇ ରହିଥିଲେ । ଯଦି ମୁଁ ଯୌନ ସମ୍ଭୋଗର ଦୃଷ୍ଟିରୁ ନାରୀମାନଙ୍କ ଆଡକୁ ଆକୃଷ୍ଟ ହେଉଥାନ୍ତି, ତେବେ ଜୀବନର ଏହି ଅବସ୍ଥାରେ ମଧ ଜଣେ ବହୁ ପତ୍ନୀକ ହେବାଲାଗି ମୋ'ର ସାହସ ରହିଛି । ଗୁପ୍ତ ହେଉ ଅଥବା ପ୍ରକାଶ୍ୟ ହେଉ, ମୁଁ ସ୍ୱାଧୀନ ଯୌନ ସମ୍ପର୍କରେ ବିଶ୍ୱାସ କରେ ନାହିଁ । ସ୍ୱାଧୀନ ପ୍ରକାଶ୍ୟ ଯୌନ ସମ୍ପର୍କକୁ ମୁଁ କୁକୁରର ପ୍ରେମ ପରି ଦେଖି ଆସିଛି । ଗୁପ୍ତ ପ୍ରେମ ହେଉଛି କେବଳ ଭୀରୁତାର ପରିଚାୟକ ।

# ଅଭିଯୋଗ କରନ୍ତୁ ନାହିଁ...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଏଥିପାଇଁ ଆମେ ତାଙ୍କ ପ୍ରତି କୃତଜ୍ଞତା ଜଣାଇ ନଥାଉ, ତାଙ୍କୁ କେବେ ଧନ୍ୟବାଦ ଦେଇ ତାଙ୍କ ପ୍ରତି ସମର୍ପିତ ହୋଇ ନଥାଉ । ତାଙ୍କ ଠାରୁ ସର୍ବଦା ଆହୁରି ଅଧିକ ମାଗିଥାଉ । ମନପସନ୍ଦର ଜିନିଷ ନ ମିଳିଲେ ତାଙ୍କର ଅଭିଯୋଗ କରିଥାଉ । ନା । ଅଭିଯୋଗ କରନ୍ତୁ ନାହିଁ । ଧନ୍ୟବାଦ ଦିଅନ୍ତୁ, ଅଭିଯୋଗ କଲେ ତାଙ୍କର ଯେଉଁ ଲହରି ହୃଦୟରେ ଉଠିଥାଏ, ତାହା ମଧ ଧୀରେ ଧୀରେ ଉଭେଇ ଯିବ ।

ଅଭିଯୋଗକାରୀ ହୃଦୟରେ ଉପାସନା ଅସମ୍ଭବ । ଯେତେ ଅଧିକ ଧନ-ସଂପଦର ଭୋକ ରହିବ, ସେତେ ଅଧିକ ଅଭିଯୋଗ ହେବ, ସେତିକି ହିଁ ପରମାତ୍ମାଙ୍କ ଠାରୁ ଦୂରତ୍ୱ ବଢ଼ିବ । ଏହି ସୂକ୍ଷ୍ମତାକୁ ବଡ଼ ଗମ୍ଭୀରତା ପୂର୍ବକ ବୁଝିବାକୁ ହେବ । ଧନ୍ୟବାଦ ଓ ଅନୁଗ୍ରହର ଭାବ ଦ୍ୱାରା ତା'ର ଅନ୍ତଃକରଣରେ ଉଠୁଥିବା ଲହରି ବଡ଼ ହୋଇ ଚାଲିବ । ଦିନେ ସବୁ କୂଳ, ସୀମା ଧ୍ୱଂସ ହୋଇଯିବ ଏବଂ ଆମେ ସାଗରରେ, ସାଗର ଆମ ଭିତରେ ସମାହିତ ହୋଇଯିବ ।


ଏପରି ଆମେ କରିପାରି ନ ଥାଉ । ଯେତିକି ଆମକୁ ମିଳିଥାଏ, ସେତିକି ଆମେ ଦରିଦ୍ର ହୋଇଯାଉ । ଆମେ ତାହାକୁ ଏମିତି ହିଁ ସ୍ୱୀକାର କରିନେଉ ଏବଂ କହିଥାଉ– 'ଏହା ତ କିଛି ବି ନୁହେଁ, ଆହୁରି ଦରକାର, ବହୁତ କିଛି ।'' ଆମର ଇଚ୍ଛା ଓ ବାସନାଗୁଡ଼ିକର କୌଣସି ଅନ୍ତ ନାହିଁ ।

ମନୋବିଜ୍ଞାନ କହେ, ଯେତେବେଳେ ମନୁଷ୍ୟର ଜୀବନରେ ଅଧିକ ସମସ୍ୟା ଆସିଥାଏ, ତ ସେ ଶାନ୍ତ ରହିଥାଏ । ସେ ସେଥିରେ ଫସିଯାଏ, ଅଶାନ୍ତ ହେବାର ବି ସୁବିଧା ତାକୁ ମିଳି ନଥାଏ । ସୁବିଧାଗୁଡ଼ିକ ବଢ଼ିବା କ୍ରମରେ ତା'ର ଅଶାନ୍ତ ମଧ ବଢ଼ିଯାଏ । ସୁବିଧାରେ ବ୍ୟସ୍ତତା କମ୍ ଥାଏ, ସମସ୍ୟା ନ ଥାଏ ଏବଂ ପୁଣି ଉପଦ୍ରବ ଆରମ୍ଭ ହୋଇଯାଏ । ଆମେ ସେତେବେଳେ ସ୍ୱାର୍ଥ, ଶୋଷଣ ଓ ଅଭିଯୋଗରେ ପଡ଼ିଯାଉ ।

ଯାହା ମିଳିବାର ନାହିଁ, ତାହା ମିଳୁ ନାହିଁ ବୋଲି ଅଭିଯୋଗ କରିବା ଅନୁଚିତ । ନିଜର କର୍ତ୍ତବ୍ୟ ମାନି କେବଳ ଠିକ୍ ଭାବରେ ପ୍ରୟାସ କରିଚାଲିବା ଉଚିତ । ଦାବି କରିବା ଅଶିଷ୍ଟ, କୁସଂସ୍କାର ଅଟେ । ଯାହା ମିଳିଛି, ତାହାର ପରିପୂର୍ଣ୍ଣ ଆନନ୍ଦ ନେବା ଉଚିତ, ଉତ୍ସବ ପାଳନ କରିବା ଦରକାର । ଧୀରେ ଧୀରେ ହୃଦୟ ପ୍ରେମ ଓ ଭକ୍ତି ରସରେ ପୂର୍ଣ୍ଣ ହେବାରେ ଲାଗିବ । ଆନନ୍ଦିତ କରୁଥିବା, ସହଜ କରୁଥିବା, ତୃପ୍ତି ଦେଉଥିବା ମଳୟ ବହିବାକୁ ଲାଗିବ ।

ଜୀବନରେ ଆମର ଚାହିଁବା ଅନୁସାର ସବୁ କିଛି ଘଟିତ ହୋଇ ନଥାଏ । ଆମକୁ ସବୁ କିଛି ମିଳେ ନାହିଁ, କିନ୍ତୁ ଆମେ ଚାହିଁଲେ ଏପରି ହୋଇଥାଏ ମଧ । ଅର୍ଥାତ୍ ଦୁଇଟି ଯାକ କଥା ସତ । ଯେଉଁ ଇଚ୍ଛା ମାର୍ଗ ଦେଖାଉଥିବ ସେ ଉପରେ ଚାଲିବା ଦ୍ୱାରା ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ହୁଏ । ଚିତ୍ତକୁ ଅଭିଯୋଗ ପରିବର୍ତ୍ତେ ଧନ୍ୟବାଦରେ ଭରନ୍ତୁ ଏବଂ ଧନ୍ୟବାଦ ଅବରୋଧ ନ ହେଉ, ସେଥିପାଇଁ ସଜୋଟତା ପୂର୍ବକ ଗତି କରୁଥାନ୍ତୁ । ପ୍ରାୟ ଅଭିଯୋଗକାରୀ ଦୌଡ଼ିଥାଏ, ଧନ୍ୟବାଦ ପ୍ରଦାନକାରୀ ବସିଯାଏ । ଏହା ଗଭୀର ସନ୍ତୁଳନର ସାଧନା ଅଟେ । ଧୈର୍ଯ୍ୟ ପୂର୍ବକ ବୁଝି ବିଚାରି କାର୍ଯ୍ୟ କଲେ ସବୁ କିଛି ସାଧି ହୋଇଯିବ ।

## ସ୍ୱର୍ବେଦ




**ପୃଥ୍ୱୀ ଜାକୀ ଚରଣ ହୈ, ଦ୍ୟୌ**
**ହେ ଶୀର ଅନାମ ।**
**ଅନ୍ତରିକ୍ଷ ହୈ ଉଦର ସମ,**
**ଜ୍ୟେଷ୍ଠ ବ୍ରହ୍ମ ପରଣାମ ।।୬୩।।**

ଭାଷ୍ୟ - ପୃଥିବୀ ଯାହାର ଚରଣ ଅଟେ ଓ ଆକାଶ ଯାହାର ମସ୍ତକ ଏବଂ ଅନ୍ତରୀକ୍ଷ ଯାହାର ଉଦର ସମାନ ଅଟେ, ସେହି ସର୍ବଶ୍ରେଷ୍ଠ ଆଉ ମହାନ୍ ପରଂବ୍ରହ୍ମଙ୍କୁ ମୋର ନମସ୍କାର ।

**ୱାୟୁ କ୍ୟୋଁ ନହିଁ ଚୈନ ଲେ,**
**ଜଲ ନ ଲେତ ୱିଶରାମ ।**
**ମନ କ୍ୟୋଁ ଶାନ୍ତ ନ ଏକ ମେଁ,**
**ସବ ଉତସୁକ ସତ୍ୟନାମ ।।୬୪।।**

ଭାଷ୍ୟ - ବାୟୁ କାହିଁକି ନିଜର କାମ ବନ୍ଦକରି ଶାନ୍ତ ହୋଇଯାଏ ନାହିଁ ? ଜଳ କାହିଁକି ବିଶ୍ରାମ କରେ ନାହିଁ ? ମନ କାହିଁକି ଗୋଟିଏ ବସ୍ତୁରେ ରହି ଶାନ୍ତ ହୁଏ ନାହିଁ ? ଏ ସମସ୍ତ ସତ୍ୟନାମ, ସତ୍ୟପୁରୁଷଙ୍କୁ ପାଇବାର ଇଚ୍ଛାରେ ପ୍ରଯତ୍ନଶୀଳ ଅଟନ୍ତି । ସମସ୍ତ ସଂସାରର ଭୋଗ ଅନିତ୍ୟ ଅଟେ, କୌଣସି ପଦାର୍ଥ ସ୍ଥିର ରହିବାର ନୁହେଁ । ସେଥିପାଇଁ ଅନିତ୍ୟ ଜଗତର ଆସକ୍ତିକୁ ଛାଡ଼ି ସତ୍ୟସ୍ୱରୂପ ମହାପ୍ରଭୁଙ୍କର ଭକ୍ତି କରନ୍ତୁ ।

**ଜାହି ନିମିତ୍ତ ୱର ସନ୍ତଗଣ,**
**ଉପହାର ସବ ଦେତ ।**
**କର ପଗ ୱାଣୀ ଶ୍ରୋତ ସେ, ଚକ୍ଷୁ**
**ସମର୍ପିତ ହେତ ।।୬୫।।**

ଭାଷ୍ୟ - ଯାହା ନିମନ୍ତେ ଶ୍ରେଷ୍ଠ ସନ୍ଥଗଣ ହସ୍ତ, ପାଦ, ବାଣୀ, ଶ୍ରୋତ ଆଉ ଚକ୍ଷୁରେ ଉପହାର ପ୍ରଦାନ କରି ସବୁକିଛି ସମର୍ପଣ କରି ଦିଅନ୍ତି ।

**ୱିୱିଧ ଭାଁତି ରଚନା ବନୀ, ଯହ**
**ପରିମିତ ସଂସାର ।**
**ବ୍ୟାପ୍ତ ଅପରିମିତ ଦେୱ ହୈ,**
**ଅଲଖ ଅନନ୍ତ ଅକାର ।।୬୬।।**

ଭାଷ୍ୟ - ବିବିଧ ଭାବରେ ଏହି ପରିମିତ ସଂସାରର ରଚନା ହୋଇଛି, ସେହି ପରିମିତ ସଂସାରରେ ଅଦୃଶ୍ୟ ଆକାଶ ଯାହାର ସୀମା ନାହିଁ, ସେହି ସର୍ବାନ୍ତର୍ଯ୍ୟାମୀ ଦେବ ପୂର୍ଣ୍ଣ ରୀତିରେ ବ୍ୟାପ୍ତ ଅଛନ୍ତି । ସେହି ସ୍କମ୍ଭଙ୍କ ବିଷୟରେ ବ୍ୟଖ୍ୟା କରନ୍ତୁ, ସେ କେଉଁ ପ୍ରକାର ପଦାର୍ଥ ଅଟନ୍ତି ?

**ପରମ ଅରାଧ୍ୟ ୱିଶ୍ୱମ୍ଭର, ଋଷି**
**ମୁନି ଯୋଗୀ ସେୱ ।**
**କଶା ରୂପ ଅସ୍କମ୍ଭ ହୈ,**
**ଅନ୍ତରଯାମୀ ଦେୱ ।।୬୭।।**

ଭାଷ୍ୟ - ସଂସାରର ରକ୍ଷକ, ସର୍ବ ଆରାଧ୍ୟ ଅନ୍ତର୍ଯ୍ୟାମୀ ଶବ୍ଦସ୍ୱରୂପ ସ୍କମ୍ଭ ଅଟନ୍ତି, ଯାହାର ଉପାସନା ଋଷି, ମୁନି ଏବଂ ଯୋଗୀ କରନ୍ତି ।

**ୱେତ ତୋ ବନା ହିରଣ୍ୟ କା,**
**ଖଡ଼ା ନୀର ମହ ସୋୟ ।**
**ଜୋ ଜାନେ ଇସ ତତ୍ତ୍ୱ କୋ,**
**ଗୁହ୍ୟ ପ୍ରଜାପତି ସୋୟ ।।୬୮।।**

ଭାଷ୍ୟ - ସୁବର୍ଣ୍ଣରେ ବନା ଯାଇଥିବା ବେତ ପାଣିରେ ଛିଡ଼ା ହୋଇଛି, ଯିଏ ଏହି ତତ୍ତ୍ୱକୁ ଜାଣନ୍ତି, ସେ ଗୁହ୍ୟ ପ୍ରଜାପତି ଅଟନ୍ତି । ଏହି ପ୍ରଶ୍ନର ଉତ୍ତର ପରବର୍ତ୍ତୀ ଦୋହାରେ ପ୍ରଦାନ କରାଯାଇଛି ।

## ପେଟ ଚର୍ବି କମାଇବ ହଳଦୀ

ଓଜନ ହ୍ରାସ ମାମଲାରେ ହଳଦୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଟଫଂଟସ ୟୁନିଭର୍ସିଟିର ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ହଳଦୀରେ ଥିବା ଯୌଗିକ କର୍କୁମିନୁ ମେଦବହୁଳତା ସହ ଲଢ଼ିବାରେ ସହାୟକ ହୋଇପାରେ । ଚର୍ବି କୋଷିକା ବୃଦ୍ଧିକୁ ଦମନ କରି ଅତିରିକ୍ତ ଚର୍ବି ଜମାଟ ବାନ୍ଧିବାକୁ ଦିଏ ନାହିଁ । ଅଧ୍ୟୟନରେ ପ୍ରୟୋଗ କରାଯାଇଥିବା ଭୂଷା ଓ କୋଷିକା ମଡେଲରେ ହଳଦୀ ଓଜନ ବୃଦ୍ଧି ହ୍ରାସ କରିଥିଲା । ଶରୀରରେ ପ୍ରଦାହ ହ୍ରାସ କରିବାରେ ହଳଦୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ, ଯାହା ଅନେକ ସମୟରେ ମେଦବହୁଳତା ସହ ସମ୍ପୃକ୍ତ । ପେଟର ସ୍ୱାସ୍ଥ୍ୟକୁ ହଳଦୀ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହିତ କରିଥାଏ, ଯାହା ଆପଣଙ୍କର ଓଜନ ହ୍ରାସ ଯାତ୍ରାକୁ ତ୍ୱରାନ୍ୱିତ କରିଥାଏ । ହଳଦୀ ପେଟରେ ବାଇଲ ଜୁସ୍



କ୍ଷରଣ ବୃଦ୍ଧିକରେ, ହଜମ ପ୍ରକ୍ରିୟାରେ ସହାୟକ ହୋଇଥାଏ ଏବଂ ଗ୍ୟାସ୍ ଦୂର କରେ । କର୍ମୁମିନ୍ ଥର୍ମୋଜେନେସିସ୍‌କୁ ପ୍ରୋତ୍ସାହିତ କରିଥାଏ । ମେଟାବଲିଜମକୁ ଏହା ପ୍ରୋତ୍ସାହିତ କରେ, ଫଳରେ ଓଜନ ହ୍ରାସ ପ୍ରକ୍ରିୟା ତ୍ୱରିତ ହୋଇଥାଏ ।

## ସଚ୍ଚା ଗୁରୁଭକ୍ତି କ'ଣ ?

ଗୁରୁ ଯେମିତି ବ୍ରହ୍ମନିଷ୍ଠ, ବ୍ରହ୍ମଜ୍ଞାନୀ, ନିର୍ବିକାର, ନିରହଂକାରୀ ଓ ସମଦର୍ଶୀ ହୋଇଥିବା ଦରକାର, ସେମିତି ଏହା ମଧ ସତ୍ୟ ଯେ ଶିଷ୍ୟ ଏପରି ହେବା ଉଚିତ, ଯାହା ମଧରେ ଗୁରୁଙ୍କ ପ୍ରତି ଅଟଳ ଶ୍ରଦ୍ଧା, ଭକ୍ତି, ବିଶ୍ୱାସ, ପ୍ରେମ ଥିବ, ଯାହା ପାଇଁ ଗୁରୁଙ୍କ ରୂପ ହିଁ ଧାନର ମୂଳ ହୋଇଥିବ, ଗୁରୁଙ୍କ ଚରଣ ହିଁ ପୂଜାର ମୂଳ ହୋଇଥିବ, ଗୁରୁଙ୍କ ଶବ୍ଦ ହିଁ ମନ୍ତ୍ରର ମୂଳ ହୋଇଥିବ, ଗୁରୁଙ୍କ କୃପା ହିଁ ମୋକ୍ଷର ମୂଳ ହୋଇଥିବ, ଯାହା ପାଇଁ ଗୁରୁ ପ୍ରଦତ୍ତ ପଥ ହିଁ ବର୍ଣ୍ଣାଶ୍ରମ ଧର୍ମ ହୋଇଥିବ, ଗୁରୁ ପରିଚର୍ଯ୍ୟା ହିଁ ନିତ୍ୟ କର୍ମ ହୋଇଥିବ, ଯାହା ପାଇଁ ଗୁରୁକାର୍ଯ୍ୟ ହିଁ ଭଗବତ୍ କାର୍ଯ୍ୟ ହୋଇଥିବ, ଗୁରୁଙ୍କ ସେବା ହିଁ ଭଗବଦ୍ ସେବା ହୋଇଥିବ ଏବଂ ଯାହା ପାଇଁ ଗୁରୁଙ୍କ ଆଦେଶ ଈଶ୍ୱରଙ୍କ ଆଦେଶ ହୋଇଥିବ ତଥା ଗୁରୁଙ୍କ ବଚନ ହିଁ ଶାସ୍ତ୍ର ବଚନ ହୋଇଥିବ ।

ବାସ୍ତବରେ ଯେଉଁ ଶିଷ୍ୟ ଉପରୋକ୍ତ କଷଟିରେ ଶୁଦ୍ଧ ପ୍ରମାଣିତ ହୁଏ, ତା' ଉପରେ ଗୁରୁ ଓ ଭଗବାନଙ୍କ ଅନୁଦାନ–ବରଦାନ ଅବଶ୍ୟ ବରଷି ଥାଏ । ସେ ମୋକ୍ଷ, ମୁକ୍ତି, ଆନନ୍ଦ ଓ ଭଗବତ୍ ପ୍ରାପ୍ତିର ଅଧିକାରୀ ହୋଇଯାଏ । ଯିଏ ବାସ୍ତବରେ ଏହି ରୂପରେ ଶିଷ୍ୟ ଧର୍ମ ପାଳନ କରିଥାଏ, ସେ ଅମର ପଦର ଅଧିକାରୀ ହୋଇଯାଏ ।

ଯେତେବେଳେ ସାଧକ ଭିତରେ ଏହି ରୂପେ ଶିଷ୍ୟତ୍ୱର ଜାଗରଣ ହୋଇଥାଏ ସେତେବେଳେ ସର୍ବଜ୍ଞ, ସର୍ବବ୍ୟାପୀ ପରମାତ୍ମାଙ୍କ କୃପାରୁ ସହଜରେ ସଦ୍‌ଗୁରୁଙ୍କ ପ୍ରାପ୍ତି ହୋଇଯାଏ । କାରଣ ସଦ୍‌ଗୁରୁ ଅନ୍ୟ କେହି ନୁହନ୍ତି, ବରଂ ସର୍ବଜ୍ଞ, ସର୍ବବ୍ୟାପୀ, ସର୍ବଶକ୍ତିମାନ୍ ଭଗବାନଙ୍କ ପ୍ରତିନିଧି ହିଁ ହୋଇଥାନ୍ତି, ଯିଏ ଭଗବଦ୍ ଇଚ୍ଛାରେ ସଂସାରର କଲ୍ୟାଣ ପାଇଁ ହିଁ ନର ରୂପ ଧାରଣ କରିଥାନ୍ତି । ଏହିପରି ସଦ୍‌ଗୁରୁ ମଧ ସଚ୍ଚା, ସୁପାତ୍ର ଶିଷ୍ୟ ଚାହିଁଥାନ୍ତି, ଯାହାକୁ ସେ ନିଜ ବ୍ରହ୍ମଜ୍ଞାନର ଅମୃତ ପିଆଇ ଈଶ୍ୱରଙ୍କ ସାକ୍ଷାତ୍‌କାର କରାଇ ପାରିବେ ଏବଂ ତାକୁ ଈଶ୍ୱରୀୟ କାର୍ଯ୍ୟ ହେତୁ ଭଗବାନଙ୍କର ଉପଯୁକ୍ତ ଯନ୍ତ୍ର ବନାଇ ପାରିବେ । ଏପରି ସୁପାତ୍ର ଶିଷ୍ୟକୁ ସଦ୍‌ଗୁରୁ ସ୍ୱୟଂ ଚୁମ୍ବକ ଲୁହାକୁ ଟାଣିବା ସମାନ ନିଜ ଆଡ଼କୁ ଟାଣି ନେଇଥାନ୍ତି ।

ଏହି ଆଧାରରେ ଶ୍ରୀ ଗୋବିନ୍ଦପାଦଜି ଆଚାର୍ଯ୍ୟ ଶଙ୍କରଙ୍କୁ, ଶ୍ରୀ ରାମକୃଷ୍ଣ ପରମହଂସ ସ୍ୱାମୀ ବିବେକାନନ୍ଦଙ୍କୁ, ଶ୍ରୀ ଜନାର୍ଦ୍ଦନ ସ୍ୱାମୀ ଏକନାଥଙ୍କୁ, ସ୍ୱାମୀ ବିରଜାନନ୍ଦ ଦୟାନନ୍ଦ ସରସ୍ୱତୀଙ୍କୁ ଆକର୍ଷିତ କରିଥିଲେ ।

ସଦ୍‌ଗୁରୁଙ୍କୁ କେଉଁଠି ଓ କିପରି ପାଇବା ମୂଳ ପ୍ରଶ୍ନ ନୁହେଁ, ବରଂ ମୂଳ ପ୍ରଶ୍ନ ହେଉଛି ଆମେ ସଚ୍ଚା ଶିଷ୍ୟ, ସଚ୍ଚା ଭକ୍ତ, ସଚ୍ଚା ସାଧକ କିପରି ହୋଇ ପାରିବା ? ଯଦି ଆମେ ଗୁରୁ ଓ ଭଗବାନଙ୍କୁ ପ୍ରାପ୍ତ କରିବା ପାଇଁ ଚାହୁଁଛେ ତ ଆମକୁ ସୁପାତ୍ର ହେବାକୁ ପଡ଼ିବ । ଆମକୁ ଜଣେ ସଚ୍ଚା ଶିଷ୍ୟ, ଜଣେ ସଚ୍ଚା ସାଧକ ହେବାକୁ ପଡ଼ିବ । ଆମକୁ ଜଣେ ସଚ୍ଚା ଉପାସକ, ସାଧକ ଓ ଆରାଧକ ହେବାକୁ ପଡ଼ିବ । ଯାହା ଆମେ ହେବାକୁ ଚାହୁଁଛେ, ସେପରି ଆମେ ହେବା ନାହିଁ, ବରଂ ଆମର ଗୁରୁ ଆମକୁ ଯାହା ବନାଇବାକୁ ଚାହାନ୍ତି, ଆମେ ସେପରି ହେବା ।

ଯେତେବେଳ ପର୍ଯ୍ୟନ୍ତ ଆମ ଭିତରେ ନିଜ ଅନୁସାର କିଛି ହେବାର, ପାଇବାର, ମାଗିବାର ଇଚ୍ଛା, ଆଶା, ଆକାଂକ୍ଷା ଓ ମହତ୍ତ୍ୱକାଂକ୍ଷା ଲେଶ ମାତ୍ର ବାକି ରହିଥିବ ସେତେବେଳ ପର୍ଯ୍ୟନ୍ତ ଆମର ଗୁରୁ, ଆମର ଭଗବାନ ବାସ୍ତବରେ ଆମକୁ ଯାହା ବନାଇବାକୁ ଚାହୁଁଛନ୍ତି ବା ଆମକୁ ଯେପରି ହେବାର ଦେଖିବାକୁ ଚାହାନ୍ତି, ଆମେ ସେପରି ହୋଇ ପାରିବା ନାହିଁ ।

ସର୍ବପ୍ରଥମେ ଆମେ ନିଜର ଇଚ୍ଛା, ଆକାଂକ୍ଷା, ମହତ୍ତ୍ୱାକାଂକ୍ଷାଗୁଡ଼ିକୁ ତ୍ୟାଗ କରି ନିଜକୁ ପୂର୍ଣ୍ଣତଃ ନିଜର ଗୁରୁ, ନିଜର ଭଗବାନଙ୍କୁ ସମର୍ପଣ କରିବାକୁ ହେବ । ଆମେ ନିଜର ଇଚ୍ଛା ନୁହେଁ, ଗୁରୁଙ୍କର, ଭଗବାନଙ୍କର ଇଚ୍ଛାକୁ ଧାରଣ କରିବାକୁ ହେବ । ଆମେ ସେହି ପ୍ରୟୋଗ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ, ଯାହା ଆମର ଗୁରୁ ଆମ ଉପରେ କରିବାକୁ ଚାହାନ୍ତି । ଯାହା ଆମର ଆରାଧ, ଆମର ଭଗବାନ୍ ଆମ ଉପରେ କରିବାକୁ ଚାହାନ୍ତି ।

ଜଣେ ଚିକିତ୍ସକ ବା ବୈଦ୍ୟ ସମକ୍ଷରେ କୌଣସି ରୋଗୀ କହେ ନାହିଁ ଯେ ମୋର ଚିକିତ୍ସା ମୋ ଅନୁସାରେ ବୈଦ୍ୟଙ୍କୁ କରିବାକୁ ହେବ । ଯଦି ଏପରି ହୁଏ, ତେବେ ବୈଦ୍ୟ ରୋଗୀର ଉପଯୁକ୍ତ ଚିକିତ୍ସା କରିପାରିବ ନାହିଁ ଏବଂ ରୋଗୀ ମଧ ସୁସ୍ଥ ହୋଇ ପାରିବେ ନାହିଁ । ଗୁରୁ ରୂପୀ ବୈଦ୍ୟଙ୍କ ସମକ୍ଷକୁ ଯାଇ ଆମେ ମଧ ଗୁହାରି କରିଥାଉ ଯେ ଆମେ ଯେପରି ଚାହୁଁଛୁ, ଆମ ସହିତ ସେହିପରି ହେଉ ।

ଆମର ଇଚ୍ଛା, ଆକାଂକ୍ଷା, ମହତ୍ତ୍ୱାକାଂକ୍ଷା ପୂର୍ଣ୍ଣ ହେବା ଉଚିତ । ଯେଉଁମାନେ ଏପରି ଚିନ୍ତା କରନ୍ତି ସେମାନେ ଜାଣିବାକୁ ଚାହାନ୍ତି ଯେ ଗୁରୁ ସଭା ସେମାନଙ୍କର ମନସ୍କାମନା ପୂରଣ କରିବାରେ ସମର୍ଥ କି ନୁହେଁ ।

ତେଣୁକରି ଅନେକ ଲୋକ ସଦ୍‌ଗୁରୁଙ୍କ ପାଖରେ ଥାଇ ମଧ ତାଙ୍କ ଠାରୁ ବହୁତ ଦୂରରେ ରହିଥାନ୍ତି । ପରଶମଣି ପାଖରେ ରହି ମଧ ଲୁହ ସୁବର୍ଣ୍ଣ ହୋଇପାରେ ନାହିଁ । ଆମର କଲ୍ୟାଣ କେଉଁଥିରେ ନିହିତ, ତାହା ଆମେ ଜାଣି ନଥାଉ, ପରନ୍ତୁ ଆମର କଲ୍ୟାଣ କେଉଁଥିରେ ହେବ, ସଦ୍‌ଗୁରୁ ତାହା ଭଲ ଭାବେ ଜାଣିଥାନ୍ତି । ରୋଗୀର କଲ୍ୟାଣ କେଉଁଥିରେ ହେବ, ଏହା ରୋଗୀ ଜାଣି ନଥାଏ, ପରନ୍ତୁ ବୈଦ୍ୟ ତାହା ଭଲ ଭାବେ ଜାଣିଥାନ୍ତି ।

ଶିଷ୍ୟର ଇଚ୍ଛା, ଆକାଂକ୍ଷା, ମହତ୍ତ୍ୱକାଂକ୍ଷା ହିଁ ତା'ର ମୁକ୍ତି, ଆନନ୍ଦ ଓ ଆତ୍ମସାକ୍ଷାତ୍‌କାରର ମାର୍ଗରେ ସବୁଠାରୁ ବଡ଼ ପ୍ରତିବନ୍ଧକ ବୋଲି ସଦ୍‌ଗୁରୁ ହିଁ ଜାଣନ୍ତି, ଭଗବାନ୍ ହିଁ ଜାଣନ୍ତି, ସେଥିପାଇଁ ସେ ଆମକୁ ସବୁ ପ୍ରକାର ଇଚ୍ଛା, କାମନା ଓ ଆସକ୍ତିରୁ ମୁକ୍ତ ହେବାର ସାଧନା-ଅଭ୍ୟାସ ବତାଇଥାନ୍ତି ।

ଶିଷ୍ୟ ପାଇଁ ପ୍ରଥମ ସର୍ତ୍ତ ହେଉଛି – ନିଜର ଇଚ୍ଛାଗୁଡ଼ିକ ତ୍ୟାଗ କରି ଗୁରୁଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ । ଏଣୁ ଆମେ ଅବିଳମ୍ବ ସଦ୍‌ଗୁରୁ ବତାଇଥିବା ସାଧନା – ଅଭ୍ୟାସରେ ପୂରାପୂରି ଲାଗିଯିବା ଉଚିତ । ଆମେ ଗୁରୁ ବତାଇଥିବା ମାର୍ଗ ଅନୁସାର ନିତ୍ୟ ଓ ନିୟମିତ ରୂପେ ଚିଟା ନ ହୋଇ, ବିରକ୍ତ ନ ହୋଇ, ସଂଶୟ- ସନ୍ଦେହ ନ କରି ଅଖଣ୍ଡ ରୂପେ ଶ୍ରଦ୍ଧା–ଭକ୍ତି ପୂର୍ବକ ଭଗବଦ୍ ଧାନ, ଭଗବଦ୍ ଭଜନ, ସ୍ୱାଧାୟ, ସେବା, ସଂଯମର ଅଭ୍ୟାସ କରିବା ଉଚିତ ।

ଉକ୍ତ ଅଭ୍ୟାସ ପ୍ରଭାବରୁ ଆମର ସମସ୍ତ ଇଚ୍ଛା, କାମନା, ବାସନା, ଆସକ୍ତି ବୃକ୍ଷରୁ ପୁରୁଣା ପତ୍ର ଝଡ଼ିବା ପରି ଗୋଟି ଗୋଟି କରି ଝଡ଼ିଯିବାରେ ଲାଗିବ । ଆମର ଚିତ୍ତ ନିର୍ମଳ, ନିର୍ବିକାର ହେବାରେ ଲାଗିବ । ବ୍ରହ୍ମଙ୍କ ଧାନ କରୁ କରୁ ଆମର ଚିତ୍ତ ମଧ ବ୍ରହ୍ମାକାର ହୋଇଯିବ ଏବଂ ଆମକୁ ଦିବ୍ୟ ବ୍ରହ୍ମାନୁଭୂତି, ବ୍ରହ୍ମାପଲବଧି ହୋଇ ପାରିବ । ଆମେ ନିଜକୁ ଈଶ୍ୱରଙ୍କ ହାତର ଯନ୍ତ୍ର ମାତ୍ର ମାନି ସଂସାରରେ ପ୍ରତ୍ୟେକ କାର୍ଯ୍ୟକୁ ଭଗବତ୍ କାର୍ଯ୍ୟ ମାନି କରି ପାରିବା ଏବଂ ପ୍ରତିକ୍ଷଣ ବ୍ରହ୍ମାନନ୍ଦ ରସର ପାନ କରି ପାରିବା । ବାସ୍ତବରେ ନିଜର ଇଚ୍ଛା ନୁହେଁ, ବରଂ ଗୁରୁଙ୍କ ଇଚ୍ଛା, ଭଗବଦ୍ ଇଚ୍ଛାକୁ ଧାରଣ କରିବା ହିଁ ସଚ୍ଚା ଗୁରୁଭକ୍ତି, ସଚ୍ଚା ଭଗବଦ୍ ଭକ୍ତି ବୋଲାଇ ଥାଏ ।

## ଟିକିଏ ହସନ୍ତୁ

ରୋଗୀ : ଡାକ୍ତରବାବୁ, ମୁଁ ଯେତେବେଳେ ଶିଡ଼ି ଚଢୁଛି ତେବେ ପ୍ରତିଦିନ ମୋର ନିଃଶ୍ୱାସ ଜୋରରେ ଯାଉଥିବା ପରି ମୋତେ ଲାଗୁଛି ।
ଡାକ୍ତର : ମୁଁ କିଛି ଔଷଧ ଦେଉଛି, ଯାହାକୁ ପ୍ରତିଦିନ ଖାଇବ ଏବଂ ବ୍ୟାୟାମ କରିବ ।
ରୋଗୀ : ଡାକ୍ତରବାବୁ, ମୁଁ ପ୍ରତିଦିନ ଫୁଟବଲ୍ ଏବଂ କ୍ରିକେଟ୍ ଖେଳୁଛି ।
ଡାକ୍ତର : କେତେବେଳେ ଏବଂ କେତେ ସମୟ ଖେଳୁଛ ?
ରୋଗୀ : ସକାଳେ ଏବଂ ସନ୍ଧ୍ୟା ଦୁଇଥର ସେତେବେଳ ପର୍ଯ୍ୟନ୍ତ ଖେଳୁଛି ଯେ ପର୍ଯ୍ୟନ୍ତ ମୋବାଇଲ୍‌ର ବ୍ୟାଟେରି ଚାର୍ଜ ରହୁଛି ।

× × × ×



ରାଜୁ ଘରକୁ ପୋଲିସ ଆସି କବାଟ ଠକ୍ ଠକ୍ କରି କହିଲେ କବାଟ ଖୋଲ ।
ରାଜ୍ୟ : କିଏ ?
ପୋଲିସ : ଆମେ ପୋଲିସ ।
ରାଜୁ : କାହିଁକି ଆସିଛ ।
ପୋଲିସ : କଥା ଅଛି ।
ରାଜୁ : କେତେଜଣ ଆସିଛ ?
ପୋଲିସ : ଆମେ ଦୁଇଜଣ ।
ରାଜୁ : ତେବେ ମୋ ସାଙ୍ଗରେ କଥା ହେବା କଣ ଦରକାର, ଦୁଇଜଣ ମିଶି କଥା ହୋଇଯାଅ, ମୁଁ ଏବେ ବ୍ୟସ୍ତ ଅଛି ।

× × × ×

ଘରକୁ ରାତିରେ ଲେଟ୍‌ରେ ପହଞ୍ଚିବା ପରେ ମା' ପୁଅକୁ : କୁଆଡ଼େ ଯାଇଥିଲୁ ? କେତେ ରାତି ହେଲାଣି ଜାଣିପାରୁଛୁ ନା ନାଇଁ ?
ପୁଅ : ମୁଁ 'ମା'ର ମମତା' ଫିଲ୍ମ ଦେଖିବାକୁ ଯାଇଥିଲି ।
ମା' : ଓ.. । ହଉ ଯା' ଉପରକୁ ଆଉ ଏକ ଫିଲ୍ମ ଦେଖନ୍ତୁ ।
ପୁଅ : କୋଉ ଫିଲ୍ମ ?
ମା' : 'ବାପାଙ୍କ ଛେଚା' ।

× × × ×

ସ୍ୱାମୀ ସ୍ତ୍ରୀ କଥାବାର୍ତ୍ତା ହେଲାବେଳେ ହଠାତ୍ ଏକ ମଶା ସ୍ତ୍ରୀ ପାଟିରେ ପଶିଗଲା ।
ସ୍ତ୍ରୀ ସ୍ୱାମୀଙ୍କୁ : ମୋ ପାଟିରେ ମଶା ପଶିଗଲା କ'ଣ କରିବି ?
ସ୍ୱାମୀ : ଏଇ କଥା ? ପାଗେଳିଟା କେତେ ଚିନ୍ତା କରୁଛି । ଗୋଟେ କାମ କର, ଅଲ୍ ଆଉଟ୍ ଆଣି ପିଇଦିଅ । ମଶା ପେଟରେ ମରିଯିବ ।

× × × ×

ରାଜୁ ରମେଶକୁ ଜୀବନରେ ଦୁଇଟି କଥା ସବୁବେଳେ ମନେ ରଖିବୁ ।
ରମେଶ : କୋଉ ଦୁଇଟା ?
ରାଜୁ : ସବୁ ଲୋକ ଏତେ ଖରାପ ନୁହନ୍ତି ଯେତିକି ସେମାନେ ଆଧାର କାର୍ଡରେ ଦେଖା ଯାଆନ୍ତି । ଆଉ ସବୁ ଲୋକ ଏତେ ଭଲ ନୁହନ୍ତି ଯେତିକି ସେମାନେ ନିଜ ଫେସ୍‌ବୁକ୍ ପ୍ରୋଫାଇଲରେ ଦେଖା ଯାଆନ୍ତି ।

× × × ×

ପପୁ ଡାକ୍ତରଙ୍କୁ : ଆଜ୍ଞା ମୋର ବହୁତ ଦିନ ହେବ ପ୍ରବଳ ମୁଣ୍ଡ ବିନ୍ଧା ହେଉଛି ।
ଡାକ୍ତର : ସମସ୍ୟାଟା କୋଉଠି ଅଛି ଜାଣିବା ଲାଗି ସିଟି ସ୍କାନ୍ କରିବାକୁ ପଡ଼ିବ ।
ପପୁ : ମୋ' ମୁଣ୍ଡ ବିନ୍ଧା ପାଇଁ ପୁରା ସହରକୁ କାହିଁକି ସ୍କାନ କରିବେ ?

## ଜହ୍ନିର ଉପକାରିତା

ଅସରପା ଗୋଟେ ଚଢ଼େଇ, ଜହ୍ନି ଗୋଟେ ପରିବା । ଅନେକ ସମୟରେ ଜହ୍ନିକୁ ନେଇ ଏମିତି ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳେ । ତେବେ ବି 'ଜହ୍ନି ଫୁଲ ଠୋ ଠା, କାକୁଡି ଫୁଲ ଠୋ ଠା' ପରି ଶିଶୁଗୀତ ଜହ୍ନି ଯେ ଆମ ହାତପାଆନ୍ତାରେ ମିଳୁଥିବା ଏକ ପରିବା ଏହା ମନେ ପକାଇ ଦିଏ । ଘରବାଡିରେ କାକୁଡି, ଜହ୍ନି, କଲରା ମନ୍ଦାଏ ମନ୍ଦାଏ ଲଗାଇ ଦେବାର ଅଭ୍ୟାସ ଏବେ ବି ଗୃହିଣୀ ମାନଙ୍କର ରହିଛି । ହୁଏତ ଏହାର ଔଷଧୀୟ ଗୁଣ ସମ୍ପର୍କରେ ଅନେକ ଆଦୌ ସଚେତନ ନ ଥିବେ ମାତ୍ର ହାଣ୍ଡିଶାଳରେ ଏହାର ଆଦର କ'ଣ କମ୍ କି ? ଭାରତ, ପାକିସ୍ତାନ, ଇଣ୍ଡୋନେସିଆ, ଚାଇନା ଏବଂ ଫିଲିପାଇନ୍ସରେ ଏହା ପ୍ରଚୁର ମାତ୍ରାରେ ଚାଷ ହୋଇଥାଏ ।

ଆପଣ ନିଜର ଓଜନ କମାଇବାକୁ ଚାହୁଁଥିଲେ ଖାଦ୍ୟରେ ଜହ୍ନିକୁ ନିଶ୍ଚିତ ସାମିଲ୍ କରନ୍ତୁ । ଜହ୍ନି ଖାଇବା ଦ୍ୱାରା ଚର୍ବି ତଥା କୋଲେଷ୍ଟରଲର ବିପଦ ଟଳିଯାଏ ।

ଜହ୍ନି ସହଜରେ ହଜମ ହୋଇଥାଏ । ତେଣୁ ଯେଉଁମାନଙ୍କର



ହଜମ ଶକ୍ତି ଦୁର୍ବଳ ସେମାନଙ୍କୁ ଜହ୍ନି ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଜହ୍ନି ଖାଇବା ଦ୍ୱାରା ଯକୃତରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଯକୃତକୁ ସୁସ୍ଥ ରଖେ । ଅର୍ଶ ରୋଗର ଆରୋଗ୍ୟ ମଧ କରେ ।

ଏଥିରେ ତନ୍ତୁ ଏବଂ ଜଳର ମାତ୍ରା ଅଧିକ ଥିବାରୁ କୋଷ୍ଠକାଠିନ୍ୟ ତଥା ତଦ୍‌ଜନିତ ସମସ୍ୟା ଆଦିରୁ ମୁକ୍ତି ପାଇବା ପାଇଁ ଜହ୍ନି ଖାଇବା ଦରକାର । କେବଳ ସେତିକି ନୁହେଁ ଏହା ବିଭିନ୍ନ ଉଦର ରୋଗ ଏବଂ ସଂକ୍ରମଣକୁ ମଧ ଦୂର କରିଥାଏ ।

କିଙ୍କ୍, ଆଇରନ୍, ରିବୋଫ୍ଲାବିନ୍, ମ୍ୟାଗ୍ନେସିୟମ୍, ଥିୟାମିନ୍ ପରି ଶରୀର ପାଇଁ ଆବଶ୍ୟକ ତତ୍ତ୍ୱ ଏଥିରୁ ମିଳିଥାଏ । ଏଥିରେ ଥିବା ବିଟା କ୍ୟାରୋଟିନ୍ ଆଖି ପାଇଁ ବେଶ୍ ଉପକାରୀ । ଏହା ଦୃଷ୍ଟିଶକ୍ତି ବଢ଼ାଇବା ସହ ଆଖିକୁ ସୁସ୍ଥ ରଖେ ।

ଜହ୍ନି ରକ୍ତଶୋଧକ ଭାବେ କାର୍ଯ୍ୟ କରେ । ରକ୍ତ ଅପରିଷ୍କାର କାରଣରୁ ମୁହଁରେ ଦେଖାଯାଉଥିବା ବ୍ରଣ ଆଦି ଦୂର କରେ ।

ଜହ୍ନିର ଜୁସ୍ ପିଇବା ଦ୍ୱାରା ଏହା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇ ଥାଏ । ଏହାଦ୍ୱାରା ବିଭିନ୍ନ ରୋଗଠାରୁ ନିଜକୁ ଦୂରେଇ ରଖାଯାଇ ପାରେ । ଏସିଡିଟି ଏବଂ ଅଲସର ପରି ସମସ୍ୟାଠାରୁ ମଧ ଏହା ଦୁରେଇ ରଖେ । କାମଳ ରୋଗୀମାନେ ଏହାର ଜୁସ୍ ପିଇବା ଦ୍ୱାରା ଏବଂ ଜହ୍ନି ଖାଇବା ଦ୍ୱାରା ଆରୋଗ୍ୟ ଲାଭ କରିଥାନ୍ତି । ମଦ୍ୟପାନ କାରଣରୁ ଯକୃତରେ ସମସ୍ୟା ଦେଖା ଦେଇଥିଲେ ଜହ୍ନି ଖାଇବାଦ୍ୱାରା ଯକୃତ ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରି ଆସେ ।

ଜହ୍ନି ଖାଇବା ଦ୍ୱାରା ମୁତ୍ର ଏବଂ ରକ୍ତରୁ ଶର୍କରାର ସ୍ତର ହ୍ରାସ ଘଟିଥାଏ । ରକ୍ତରେ ଇନ୍‌ସୁଲିନ୍ ସ୍ତରକୁ ମଧ ନିୟନ୍ତ୍ରିତ ରଖିଥାଏ । ତେଣୁ ମଧୁମେହ ରୋଗୀମାନେ ଜହ୍ନି ଖାଇବା ଦରକାର । ଏହା ଅଣ୍ଡା ରୋଗକୁ ଦୂର କରେ । ପରିଶ୍ରାପୋଡ଼ା ଯନ୍ତ୍ରଣାର ଏହା ଉପଶମ କରେ । ଶରୀରରୁ ଜଳଶୁଷ୍କତାକୁ ଦୂର କରେ ।

ମୃତ ଚର୍ମକୋଷକୁ ହଟାଇ ଚର୍ମରେ ଚମକ୍ ଆଣେ । କେଶ ଝଡିବା ଏବଂ ଦାନ୍ତକୁ ସୁସ୍ଥ ରଖିବାରେ ଜହ୍ନି ସାହାଯ୍ୟ କରେ । ଟାଇପ୍-୨ ମଧୁମେହ ରୋଗୀ ଏହି ପରିବାଟି ନିହାତି ଖାଇବା ଦରକାର ।

## ଆପଣ ଜାଣନ୍ତି କି ?

- ୧୮୬୫ ମସିହାରେ ତରଳ ସାବୁନ ବା ଲିକ୍ୱିଡ ସୋପ ପ୍ରସ୍ତୁତ କରିଥିଲେ ଆମେରିକାର ନାଗରିକ ୱିଲିୟମ ସେଫାର୍ଡ ।
- ଇଂଲଣ୍ଡରେ ୧୭୧୨ ମସିହାରେ ସାବୁନ ଉପରେ ଲାଗିଥିବା ଟ୍ୟାକ୍ସ, ଯାହାକୁ ୧୮୩୫ ରେ ପ୍ରତ୍ୟାହାର କରାଯାଇଥିଲା ।
- ୨୦୦୨ ମସିହାରେ ବ୍ରିଟେନରେ ସାବୁନ ଯୋଗୁଁ ହୋଇଥିବା ଦୁର୍ଘଟଣାରେ ୫୯୫ ଜଣଙ୍କର ମୃତ୍ୟୁ ଘଟିଥିଲା ।
- ଆମେରିକାର ଗ୍ୟାଙ୍ଗଷ୍ଟର ତଥା ଠକ ସୋପି ସ୍ମିଥ୍ ସାବୁନ ନାମ ଅନୁସାରେ ତା'ର ନାମ ରଖିବାର କାରଣ ସେ ପ୍ରଥମେ କେବଳ ସାବୁନ ତସ୍କରୀ କରୁଥିଲା ।
- ସାରା ବିଶ୍ୱରେ ପ୍ରଥମେ ବେବିଲୋନ ସଭ୍ୟତାର ଲୋକମାନେ ସାବୁନର ଆବିଷ୍କାର କରିଥିଲେ ।
- ଏହାର ବ୍ୟବହାର କରିଥିଲେ ଖ୍ରୀଷ୍ଟପୂର୍ବ ୨୮୦୦ ସମୟରୁ ।
- ୧୭୬୪ ରେ ଭାରତର ବମ୍ବେଠାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ ଥର ଡାକଘର ପ୍ରତିଷ୍ଠା ହୋଇଥିଲା ।
- ୧ ଅକ୍ଟୋବର, ୧୮୫୪ ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ଥର ପାଇଁ ଡାକ ଟିକଟ ଜାରି କରାଯାଇଥିଲା । ସ୍ୱାଧୀନ ଭାରତରେ ପ୍ରଥମେ ୨୧ ନଭେମ୍ବର, ୧୯୪୭ ରେ ଡାକ ଟିକଟ ଜାରି କରାଗଲା ।
- ୧୫ ଅଗଷ୍ଟ,, ୧୯୭୨ ରେ ପୋଷ୍ଟଲରେ ପିନକୋଡ ଓ ୧୮୮୦ ରେ ପ୍ରଥମେ ମନିଅର୍ଡର ବ୍ୟବସ୍ଥା ଆରମ୍ଭ ହୋଇଥିଲା ।

## ଓଜନ କମ୍ କରିବାରେ ସହାୟକ କାକୁଡି

ଆମ ଗ୍ରୀଷ୍ମପ୍ରଧାନ ଦେଶରେ କାକୁଡିର ଆଦର ରହିଛି । ଏହାର ରସ ପିଇବା ସହ ଅଧିକାଂଶ କାକୁଡି ସାଲାଡ ଖାଇବାକୁ ପସନ୍ଦ କରିଥାନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ କାକୁଡିକୁ ଖାଲିପେଟରେ ଖାଇବା ହାନିକାରକ ।

ଜଳଖିଆରେ ଦ୍ୱିପହର ଭୋଜନରେ ସାଲାଡ୍ ଭାବେ ଖାଇପାରିବେ । ରାତ୍ରିଭୋଜନରେ ମଧ ଖାଇ ପାରିବେ । କିନ୍ତୁ କେତେଜଣ ରାତିରେ କାକୁଡି ସାଲାଡ୍ ଖାଇବା କାରଣରୁ ଥଣ୍ଡା, ସର୍ଦ୍ଦି ରୋଗରେ ଆକ୍ରାନ୍ତ ହୋଇଥିବାର ଅନୁଧାନରୁ ପ୍ରକାଶ । ଏଣୁ ଡାକ୍ତରଙ୍କ ପରାମର୍ଶ ନେଇ ରାତିବେଳା ଖାଇବାର ନିଷ୍ପତ୍ତି ନେବେ ।



ଦ୍ୱିପହର ଭୋଜନ ପୂର୍ବରୁ କାକୁଡି ସାଲାଡ୍ ଖାଇଲେ ଆପଣଙ୍କ ପେଟ ଭର୍ତ୍ତି ହୋଇଯାଏ । ଏପରି କଲେ ଆପଣ ଅନ୍ୟାନ୍ୟ ବ୍ୟଞ୍ଜନ ଅପେକ୍ଷାକୃତ କମ୍ ଖାଇଥାନ୍ତି ।

ଉଚ୍ଚରକ୍ତଚାପ ରୋଗୀଙ୍କ ନିମନ୍ତେ କାକୁଡି ଖାଇବା ଭଲ । ନେଦରଲ୍ୟାଣ୍ଡ ବିଶେଷଜ୍ଞଙ୍କ କହିବାନୁସାରେ ୧ ମାସ ୧୫୦ ଲୋକଙ୍କୁ ସାମିଲ କରାଯାଇ କାକୁଡି ନିୟମିତ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ସେମାନଙ୍କ ରକ୍ତଚାପ ନିୟନ୍ତ୍ରଣ ରହିଥିବାର ପ୍ରକାଶ । ଓଜନ ନିୟନ୍ତ୍ରଣରେ ସହାୟକ କାକୁଡି ଶରୀରରୁ ଜଳାଭାବ ସମସ୍ୟା ମଧ ଦୂର କରେ ।

## ପୁରୁଷଙ୍କ ପ୍ରଜନନ କ୍ଷମତା ବଢ଼ାଏ ଅଖରୋଟ୍

ଅଖରୋଟରେ ପ୍ରଚୁରମାତ୍ରାରେ ପୋଷଣ ଏବଂ ଶକ୍ତି ରହିଥାଏ । ଏକ ଗବେଷଣାରୁ ଜଣାପଡିଛି ଅଖରୋଟ୍ ସେବନ ଦ୍ୱାରା ପୁରୁଷଙ୍କ ପ୍ରଜନନ କ୍ଷମତା ବୃଦ୍ଧି ହୋଇଥାଏ । ସ୍ପେନର ରୋବିରା ବର୍ଜିଲି ୟୁନିଭର୍ସିଟିରେ ଏହି ଗବେଷଣା ହୋଇଥିଲା । ଗବେଷଣାରେ ଜଡିତ ବିଶେଷଜ୍ଞଙ୍କ ଅନୁସାରେ ଯେଉଁ ପୁରୁଷମାନେ ୧୪ ସପ୍ତାହ ପର୍ଯ୍ୟନ୍ତ ଦୈନନ୍ଦିନ ଅଖରୋଟ ଏବଂ ବାଦାମ ସେବନ କରନ୍ତି, ସେମାନଙ୍କ ଶୁକ୍ରାଣୁର ଗୁଣବତ୍ତା ବୃଦ୍ଧି ପାଇଥାଏ । ପ୍ରଦୂଷଣ, ଧୂମପାନ ଏବଂ ସ୍ୱାସ୍ଥ୍ୟକୁ ହାନି ପହଞ୍ଚାଉଥିବା ଔଷଧ ମଧ ଅନେକ ମାତ୍ରାରେ ପୁରୁଷଙ୍କ ପ୍ରଜନନ କ୍ଷମତା ହ୍ରାସର କାରଣ ସାଜିଥାଏ ।



ବିଶେଷଜ୍ଞଙ୍କ ଅନୁସାରେ ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡିଥିଲା ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଯୁକ୍ତ ଭୋଜନ ସେବନ ଦ୍ୱାରା ପୁରୁଷଙ୍କ ପ୍ରଜନନ କ୍ଷମତା ବୃଦ୍ଧି ହୋଇଥାଏ । ଏବେ ହୋଇଥିବା ଗବେଷଣାରେ ଅଖରୋଟକୁ ସାମିଲ କରାଯାଇଛି ଯେଉଁଥିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଓମେଗା ୩ ଫ୍ୟାଟି ଏସିଡ୍ ପ୍ରଚୁର ମାତ୍ରାରେ ରହିଛି ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ମାଠିଆପାଣି

ଦିନଥିଲା ମାଟିରେ ତିଆରି ମାଠିଆ ଏବଂ ସୁରେଇର ବେଶ୍ ଚାହିଦା ଥିଲା । ଏଥିରେ ପାଣି ରଖି ପିଇବା ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ବେଶ୍ ଆରାମ ମିଳୁଥିଲା । କୌଣସି ପ୍ରକାର ରୋଗ କିମ୍ବା ସଂକ୍ରମଣ ହେବାର ଭୟ ନ ଥିଲା । କିନ୍ତୁ ଆଧୁନିକ ସମୟରେ ରେଫ୍ରିଜରେଟରରେ ଥିବା ପାଣିର ବ୍ୟବହାର ଦ୍ୱାରା ମଣିଷ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣୁଛି ।



ଦିନକୁ ଦିନ ତାପମାତ୍ରରେ ବୃଦ୍ଧି ଯୋଗୁଁ ଶରୀର ନିସ୍ତେଜ ହୋଇ ପଡୁଛି । ଏ ସମୟରେ ଶରୀରର ତାପମାତ୍ରାକୁ ସନ୍ତୁଳିତ କରି ରଖିବା ନିତାନ୍ତ ଜରୁରୀ । ପ୍ରବଳ ଖରାରେ ବୁଲି ଆସିଲେ ଥଣ୍ଡା ପାଣି ଗ୍ଲାସେ ଲୋଡ଼ା ପଡିଥାଏ । ଏବେ ତ ଘରେ ଘରେ ଫ୍ରିଜରେ ପାଣିକୁ ଥଣ୍ଡା କରି ପିଇବା ଅନେକଙ୍କର ଅଭ୍ୟାସ ହୋଇଗଲାଣି । କିନ୍ତୁ ସମୟ ଥିଲା ଲୋକେ ମାଠିଆରେ ପାଣି ପିଉଥିଲେ । ଏହା ଦେହ ଓ ମନକୁ ବେଶ୍ ଆରାମ ପ୍ରଦାନ କରୁଥିଲା । ମାଠିଆ ପାଣିରେ ଅନେକ ଔଷଧୀୟ ଗୁଣ ରହିଛି । ଖାସ୍ କଥା ହେଲା, ଏହି ପାଣିକୁ ନିୟମିତ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଏହା ବ୍ୟତୀତ ମାଠିଆ ପାଣି ପିଇଲେ ଗଳା ସଂକ୍ରମଣର ଆଶଙ୍କା ନ ଥାଏ । ଫ୍ରିଜ ପାଣି ଯୋଗୁଁ ଅନେକ ସମୟରେ ଥଣ୍ଡା ଏବଂ ଗଳା ସଂକ୍ରମଣଜନିତ ସମସ୍ୟା ଉପୁଜିଥାଏ । ବେଳେବେଳେ ଏହା ଏତେ ମାରାତ୍ମକ ହୋଇଯାଏ ଯେ ଅସ୍ତ୍ରୋପଚାର ପର୍ଯ୍ୟନ୍ତ କଥା ଚାଲିଯାଏ । ଯାହାର ଭୟ ମାଠିଆ ପାଣିରେ ନ ଥାଏ । ଏହାଛଡ଼ା ଫ୍ରିଜରେ ରଖାଯାଉଥିବା ପ୍ଲାଷ୍ଟିକ୍ ବୋତଲରେ ଦୀର୍ଘଦିନ ପାଣି ରହିବା ଦ୍ୱାରା ବିଷତତ୍ତ୍ୱ ସୃଷ୍ଟି ହୋଇଥାଏ । କିନ୍ତୁ ମାଠିଆ ପାଣି ସମ୍ପୂର୍ଣ୍ଣ ଶୁଦ୍ଧ । ଏହାକୁ ଯେତେ ବାସି କରି ପିଇବେ ପେଟଜନିତ ବିଭିନ୍ନ ସମସ୍ୟାରୁ ରକ୍ଷା ପାଇ ପାରିବେ ।

## କହିପାରିବେ କି ?

୧) ଗୁପ୍ତ ଶାସନ କାଳରେ କେଉଁ ଧାତୁରେ ସର୍ବାଧିକ ମୁଦ୍ରା ଜାରି କରାଯାଇଥିଲା ?
(୨) କମ୍ପ୍ୟୁଟର କି-ବୋର୍ଡର କେଉଁ ବଟନରେ କିଛି ଲେଖାଯାଇ ନ ଥାଏ ?
(୩) କୃଷକ ଦିବସ କେବେ ପାଳନ କରାଯାଏ ?
(୪) ବ୍ଲୁ ବେବି ସିଣ୍ଡ୍ରୋମ୍ କେଉଁ ଲବଣ କାରଣରୁ ହୋଇଥାଏ ?
(୫) ନିକଟରେ ତାମିଲନାଡୁ ସରକାର କେଉଁ କବିଙ୍କ ପୁଣ୍ୟତିଥିକୁ ମହାକବି ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି ?
(୬) ବେଲୁନ୍‌କୁ ଫୁଲାଇବା ପାଇଁ କେଉଁ ଗ୍ୟାସ୍‌ର ବ୍ୟବହାର କରାଯାଏ ?
(୭) କେଉଁ ଦେଶକୁ ୟୁରୋପର ଖେଳ ପଡ଼ିଆ କୁହାଯାଏ ?
(୮) ଶ୍ରୀକୃଷ୍ଣଙ୍କ ଶଙ୍ଖଙ୍କ ନାମ କ'ଣ ?
(୯) 'ଡିଫେଣ୍ଡିଂ ଇଣ୍ଡିଆ'ର ଲେଖକ କିଏ ?
(୧୦) ଦପ୍ପୁ ନୃତ୍ୟ ଭାରତର କେଉଁ ପ୍ରଦେଶର ଲୋକନୃତ୍ୟ ?

**JUMBLE WORDS**

| | | | |
|---|---|---|---|
| 1) CAATUL | = | 6) RITERW | = |
| 2) SRTOYP | = | 7) EHLOL | = |
| 3) WARAD | = | 8) NRWDA | = |
| 4) STMUR | = | 9) NOGUTE | = |
| 5) CANPYO | = | 10) MBOCEE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଯୁବରାଜ ସିଂହ, ୨.ମିଶର , ୩. ୧୯୯୭, ୪. ହିମାଚଳ ପ୍ରଦେଶ, ୫.୧୫ ଜଣ, ୬.ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ୭.ଗରୁଡ଼ଧ୍ୱଜ, ୮.ମାଳଦ୍ୱୀପ, ୯.ସେପ୍ଟେମ୍ବର ୧୪, ୧୦.ସୁଭାଷଚନ୍ଦ୍ର ବୋଷ ।

***Jumble Words*** ର ଉତ୍ତର :-

(1) CAUGHT (2) RELENT (3) PILOT (4) POKER (5) MAGNET
(6) FONDUE (7) DIRTY (8) MOTTO (9) RUGBY (10) INPUT

# ଆଦର୍ଶ ବିଦ୍ୟାଳୟରେ ୮୦ ଭାଗ ଅଧ୍ୟକ୍ଷ, ୪୦% ଶିକ୍ଷକ ପଦବି ଖାଲି

ଭୁବନେଶ୍ୱର : ରାଜ୍ୟରେ ଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ୮୦ ପ୍ରତିଶତ ସ୍କୁଲରେ ଅଧ୍ୟକ୍ଷ ନାହାନ୍ତି । ସେହିପରି ୪୦ ପ୍ରତିଶତ ସ୍କୁଲରେ ଶିକ୍ଷକ ପଦବି ଖାଲି ପଡ଼ିଛି ।

କେବଳ ଏତିକି ନୁହେଁ ଦେଢ଼ ବର୍ଷ ହେଲାଣି ନୂଆ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ହୋଇନି । ପାଖାପାଖି ୪୦ ପ୍ରତିଶତ ଶିକ୍ଷକ ପଦବି ଖାଲି ପଡ଼ିଛି । ଏହି ଖାଲି ପଡ଼ିଥିବା ପଦବିକୁ ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେଲେ । ବୈଠକ ବସିଲା । ନିଷ୍ପତ୍ତି ହେଲା ଅଗଷ୍ଟ ୩୧ ସୁଦ୍ଧା ୧୮୨୯ ଶିକ୍ଷକ ଓ ଅଣଶିକ୍ଷକ ପଦବି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ହେଲେ ଏପର୍ଯ୍ୟନ୍ତ ନିଯୁକ୍ତି ବିଜ୍ଞପ୍ତି ଦେଖା ନାହିଁ କି ଦର୍ଶନ ନାହିଁ । ଏପଟେ ପାଠପଢ଼ାରେ ବାଧାପ୍ରାପ୍ତ ହେଉଛି ଅନ୍ୟପଟେ ନିଯୁକ୍ତି ଆଶାରେ ଥିବା ଆଶାୟୀମାନେ ହତୋତ୍ସାହିତ ହେଉଛନ୍ତି ।

ସୂଚନାଯୋଗ୍ୟ, ରାଜ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଅଧୀନରେ -୩୨୧ଟି ସ୍କୁଲ ରହିଛି । ଏଥିରୁ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ରହିଛି । ଆଉ ଗୋଟିଏ ଆଇକନିକ୍ ଆଦର୍ଶ ବିଦ୍ୟାଳୟ ରହିଛି । ଏସମସ୍ତ ବିଦ୍ୟାଳୟରେ ୧ ଲକ୍ଷ ୯ ହଜାର ୪୪୩ ଛାତ୍ରଛାତ୍ରୀ ପାଠପଢୁଛନ୍ତି । ଏଥିରୁ ୪୬ ହଜାର ୮୬୨ ଛାତ୍ର ଓ ୬୨ ହଜାର ୫୮୧ ଛାତ୍ରୀ । ପାଠପଢ଼ାଇବାକୁ ୭୩୭୦ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବି ରହିଛି । ଏଥିରୁ ୪୫୪୮ ଜଣ ଶିକ୍ଷକ ପାଠପଢ଼ାଇବାକୁ ଅଛନ୍ତି । ଆଶ୍ଚର୍ଯ୍ୟର କଥା ଏହି ୩୨୦ ସ୍କୁଲରୁ ୨୬୫ଟିରେ ନିୟମିତ ଅଧ୍ୟକ୍ଷ ନାହାନ୍ତି । ମାତ୍ର ଗୋଟିଏ ସ୍କୁଲରେ ଗ୍ରନ୍ଥାଗାରିକ ଅଛନ୍ତି । କଳା ଶିକ୍ଷକ ୧୦୧, କମ୍ପ୍ୟୁଟର ଶିକ୍ଷକ ୭୧, ସଂଗୀତ ଶିକ୍ଷକ ୨୩୪, କ୍ରୀଡ଼ା ଶିକ୍ଷକ ୮୨, ପିଜିଟି-ବାୟୋଲୋଜିରେ ୧୦୦, ପିଜିଟି-କେମେଷ୍ଟ୍ରିରେ ୧୦୯ ପଦବି ଖାଲି ପଡ଼ିଛି । ପିଜିଟି-ଇଂରାଜୀରେ ୯୫ ଶିକ୍ଷକ ନାହାନ୍ତି ।

୧୫୬ଟି ଗଣିତ ଶିକ୍ଷକ ପଦବି ଖାଲି ରହିଛି । ଫିଜିକ୍ସରେ ୧୬୩, ଟିଜିଟି- ଇଂରାଜୀରେ ୧୪୨, ହିନ୍ଦୀରେ ୧୭୩, ଗଣିତରେ ୬୩, ଓଡ଼ିଆରେ ୧୭, ସଂସ୍କୃତ ୧୬୨, ବିଜ୍ଞାନ ୩୮, ଏସ୍‌ଏସ୍‌ଟି ୬୮, ବିଜ୍ଞାନରେ ୩୮, ପିଜିଟି- କମ୍ପ୍ୟୁଟର ସାଇନ୍ସରେ ୧୭୨, ଅର୍ଥନୀତିରେ ୧୪, ବାଣିଜ୍ୟରେ ୨୨ ଓ ୩୧୪ଟି ଉପାଧ୍ୟକ୍ଷ ପଦବିରୁ ୧୮୪ଟି ପଦବିରେ କେହି ନାହାନ୍ତି ।

ସୂଚନାଯୋଗ୍ୟ, ଗତ ଜୁଲାଇ ୩୦ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବିର ସମୀକ୍ଷା ହୋଇଥିଲା । ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଅଧୀନରେ ୧୮୨୯ ପଦବିରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା । ଏଥିରୁ ୧୮୨୯ ପଦବିରୁ ୧୭୦୬ଟି ପଦବିରେ ଶିକ୍ଷକ ଓ ଅଣଶିକ୍ଷକ ପଦବିରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା । ଏଥିପାଇଁ ନିଯୁକ୍ତି ଏଜେନ୍ସିକୁ ନିଯୁକ୍ତି ପ୍ରକ୍ରିୟା ପାଇଁ ପଠାଯାଇଥିବା କୁହାଯାଇଥିଲା । ଏପରିକି କୁହାଗଲା ଅଗଷ୍ଟ ୩୧ ତାରିଖ ସୁଦ୍ଧା ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇବ । ଗତ ବର୍ଷ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ହୋଇଥିଲା । ଏହିସବୁ ବିଜ୍ଞପ୍ତିର ନିଯୁକ୍ତି ଦିଆଯାଇଛି । କିନ୍ତୁ ଖାଲି ପଡ଼ିଥିବା ପଦବିରେ ନିଯୁକ୍ତି ପାଇଁ ଦେଢ଼ ବର୍ଷ ହେଲାଣି କୌଣସି ବିଜ୍ଞପ୍ତି ହୋଇନାହିଁ । ନିଯୁକ୍ତି ପ୍ରକ୍ରିୟା ହେଉ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ନେଇ ଅଭିଭାବକମାନେ ଅଭିଯୋଗ କରୁଛନ୍ତି ।

# ଓଡ଼ିଶା ମେଟାଲିକ୍ସ ମାଡ଼ି ବସିଛି ୧୫ ଏକର ଜଙ୍ଗଲ ଜମି !

ଝାରସୁଗୁଡ଼ା : ମରାକୁଟାର ୧୫ ଏକର ଜଙ୍ଗଲ ଜମିକୁ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ନିଜ ଦଖଲରେ ରଖିଛି । ପ୍ରଶାସନ ଏହା ବିରୋଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୂପ ବସିଛି ତାକୁ ନେଇ ପ୍ରଶ୍ନ ଉଠିଛି । ଝାରସୁଗୁଡ଼ା ପ୍ରଶାସନର ଏପରି ଖାମଖିଆଲି ନୀତି ଯୋଗୁଁ ଯିଏ ଯେଉଁଠି ପାରୁଛି ସରକାରୀ ଜମି ଦଖଲ କରୁଥିବା ଅଭିଯୋଗ ହେଉଛି ।

ମରାକୁଟା ଠାରେ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ୧୫ ଏକର ଜଙ୍ଗଲ ଜମି ବେଆଇନ ଭାବେ ମାଡ଼ି ବସିଥିବା ନେଇ ମରାକୁଠା ନାଏବ ସରପଞ୍ଚ ଆଶିଷ କୁମାର ଗର୍ଡିଆ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଏହାର ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ବନଖଣ୍ଡ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫଓ) ଅଶୋକ ମନୁ ଭଞ୍ଜ ଯୁଗ୍ମ ତଦନ୍ତ ପାଇଁ ଝାରସୁଗୁଡା ରେଞ୍ଜର ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଝାରସୁଗୁଡା ତହସିଲଦାରଙ୍କ ତରଫରୁ ଆରଆଇ ରୁପାଲୀ ଓରାମ, ଝାରସୁଗୁଡା ରେଞ୍ଜର ବିଜୟ ପ୍ରଧାନ, ଅଭିଯୋଗକାରୀ ଆଶିଷ କୁମାର ଗର୍ଡିଆ ଏବଂ ଓଡିଶା ମେଟାଲିକ୍ସର ଅଧିକାରୀଙ୍କ ଉପସ୍ଥିତିରେ ୨୦୨୫ ସେପ୍ଟେମ୍ବର ୧୯ରେ ତଦନ୍ତ କରାଯାଇଥିଲା । ଓଡ଼ିଶା ମେଟାଲିକ୍ସ ପରିସରରେ ଥିବା ଜଙ୍ଗଲ ଜମିର ଯାଞ୍ଚ ଓ ମାପଚୁପ ହୋଇଥିଲା । ଯୁଗ୍ମ ତଦନ୍ତ ପରେ ରେଞ୍ଜର ଓ ଆରଆଇ ସମସ୍ତ ରିପୋର୍ଟ ଡିଏଫଓଙ୍କୁ ପ୍ରଦାନ କରିଥିଲେ । ରିପୋର୍ଟରେ ଓଡ଼ିଶା ମେଟାଲିକ୍ସ ଗ୍ରାମ୍ୟ ଜଙ୍ଗଲ କିସମର ୧୦ଟି ପ୍ଲଟ୍‌କୁ ବେଆଇନ ଭାବେ ବ୍ୟବହାର କରୁଥିବା ଦର୍ଶାଯାଇଥିଲା । ଏଥିନେଇ ଡିଏଫଓ ଅକ୍ଟୋବର ୧୬ରେ ମେଟାଲିକ୍ସକୁ ଚିଠି କରିଥିଲେ । ମେଟାଲିକ୍ସ ଭିଏନ୍ ଅଧିନିୟମ - ୧୯୮୦ର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଥିବା ସେ ଚିଠିରେ ଦର୍ଶାଇବା ସହ ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା ଓ ଜଙ୍ଗଲ ଜମିକୁ ଶୀଘ୍ର ଖାଲି କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଡିଏଫ୍‌ଓ ତୁରନ୍ତ ଜଙ୍ଗଲ ଜମି ଖାଲି ନ କଲେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ଚେତାବନୀ ଦେଇଥିଲେ । ଏହାସତ୍ତ୍ୱେ




ତହସିଲଦାର ଓ ଜଙ୍ଗଲ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କିମ୍ବା ମେଟାଲିକ୍ସ ଜଙ୍ଗଲ ଜମି ଖାଲି କରିନାହିଁ ।

ଝାରସୁଗୁଡ଼ା ରେଞ୍ଜର ବିଜୟ ପ୍ରଧାନ ଓ ତହସିଲଦାର ସଦାକର କୁମ୍ଭାର କହିଛନ୍ତି ଯେ, ଜଙ୍ଗଲ ଜମି ବିଷୟ ତଦନ୍ତ ପାଇଁ ନିର୍ଦ୍ଦେଶ ଆସିବା ପରେ ତା'ର ତଦନ୍ତ କରାଯାଇଥିଲା । ତଦନ୍ତ ବେଳେ ମେଟାଲିକ୍ସ କମ୍ପାନୀ ମଧ ଜଙ୍ଗଲ ଜମି ଦଖଲରେ ରଖିଥିବା ସ୍ୱୀକାର କରିଥିଲା । ଡିଏଫ୍‌ଓଙ୍କ ଚିଠିରେ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏନ୍‌ଜିଟିରେ ମାମଲା ବିଚାରାଧିନ ରହିଥିବା ଆଳରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା କହିଛନ୍ତି । ଏନଜିଟିର ନିଷ୍ପତ୍ତି ଏବଂ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ସମୟସାପେକ୍ଷ ହୋଇଥିବାବେଳେ ସରକାର ୧୫ ଏକର ଜଙ୍ଗଲ ଜମିର ରାଜସ୍ୱ ହରାଉଛନ୍ତି । ଏ ବାବଦ କ୍ଷତିପୂରଣ କିଏ ଦେବ ସେ ନେଇ ପ୍ରଶ୍ନ ଉଠିଛି । ପ୍ରଶାସନ ଏହି ଜମିରୁ କମ୍ପାନୀକୁ ଉଚ୍ଛେଦ କରି ନିଜ ଦଖଲରେ ରଖିବା କଥା, ତାହା ମଧ କରୁନାହିଁ । କମ୍ପାନୀ ମୁଷ୍ଟିମେୟ ଲୋକଙ୍କୁ ହାତରେ ରଖି ମାମଲା ରଫାଦଫା କରିବାକୁ ଉଦ୍ୟମ ଚଳାଇଥିବା କୁହାଯାଉଛି ।

# ବେଦାନ୍ତର ଲୋଲୁପ ଦୃଷ୍ଟିରେ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ସମସ୍ତ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରଙ୍କୁ ବେଦାନ୍ତ କମ୍ପାନୀରେ ପ୍ରତ୍ୟକ୍ଷ ଭାବେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା କଥା ନ କହି ପରୋକ୍ଷ ଭାବରେ ଯାହା ଉକ୍ତ ଚିଠା ବିବରଣୀରେ ଉଲ୍ଲେଖି ରହିଛି ସ୍ପଷ୍ଟ ଭାବରେ ବିସ୍ଥାପିତଙ୍କ କର୍ମ ସଂସ୍ଥାନ ଦିଗରେ ଅନିଶ୍ଚିତତା ରହିଛି ।

ଉକ୍ତ ଚିଠା ବିବରଣୀରେ କର୍ମ ନିଯୁକ୍ତି ଦିଗରେ ଯାହା ଦର୍ଶାଯାଇଛି କି ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ଏବଂ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ସରକାର ଏବଂ ଅନ୍ୟାନ୍ୟ ସାମ୍ବନ୍ଧ୍ୟ ଏଜେନ୍ସି ସହିତ ପରାମର୍ଶ କରି ଏବଂ ଅନୁକୁଳ ବ୍ୟବସାୟିକ ପରିବେଶ ସୃଷ୍ଟି କରନ୍ତୁ ଏବଂ ବିସ୍ଥାପିତ ଓ ପ୍ରମୁଖ ଭୂମି ହରାଉଥିବା ପରିବାରର ଉପଯୁକ୍ତ ପୁନର୍ବାସ ପାଇଁ ସୁକ୍ଷ୍ମ ଯୋଜନା ସହିତ ଏହାକୁ କାର୍ଯ୍ୟକାରୀ କରନ୍ତୁ । ଶିକ୍ଷାଗତ ଯୋଗ୍ୟତା ଏବଂ ପାରମ୍ପରିକ ଦକ୍ଷତାକୁ ଉପଯୁକ୍ତ ଭାବରେ ବିଚାର କରି ସ୍ଥାନୀୟ ଯୁବକମାନଙ୍କ ପାଇଁ କ୍ଷମତା ନିର୍ମାଣ ପଦକ୍ଷେପ ଗ୍ରହଣ କରାଯିବା ଉଚିତ । ଏହା ସହିତ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କର ଗ୍ରହଣ କରାଯିବା ଉଚିତ୍ । ଏହା ସହିତ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କର ଦକ୍ଷତା ଗଠନ ଏକ ବୃଦ୍ଧି ପାଇଁ ସୁଯୋଗ ଅନ୍ୟାନ୍ୟ ସ୍ଥାନ ଓ ସ୍ଥାନୀୟ ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରରେ ସେମାନଙ୍କର ନିଯୁକ୍ତି ପାଇଁ ନିଆଯାଇ ପାରିବ । ପ୍ରକଳ୍ପରେ ନିଯୁକ୍ତି ପାଇଁ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ ଏବଂ ବିସ୍ଥାପିତ ପରିବାରରୁ ଅତିକମ୍‌ରେ ଜଣେ ବ୍ୟକ୍ତିକୁ ସେମାନଙ୍କ ଦକ୍ଷତା ଏବଂ ବୈଷୟିକ ଶିକ୍ଷା, ବିକାଶ କରି ଖଣି ପ୍ରକଳ୍ପରେ ନିୟମିତ ନିଯୁକ୍ତି ପ୍ରଦାନ କରିବା ଉଚିତ । କିନ୍ତୁ ଏଠାରେ ସ୍ପଷ୍ଟତା ନାହିଁ କି ସେମାନଙ୍କୁ ନିୟମିତ ନିଯୁକ୍ତି ବେଦାନ୍ତ କମ୍ପାନିରେ ମିଳିବ ନା ବେଦାନ୍ତରୁ ଠିକା ପାଇଥିବା ଅନ୍ୟ କମ୍ପାନିରେ ନିଯୁକ୍ତି ମିଳିବ । ପ୍ରକଳ୍ପ ସ୍ଥାନରୁ ବିଭିନ୍ନ ସ୍ଥାନକୁ ନିର୍ମାଣ କାର୍ଯ୍ୟ ଏବଂ କୋଇଲା ପରିବହନରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ଠିକାଦାର ମାନଙ୍କୁ ଉତ୍ସାହିତ କରାଯିବା ଉଚିତ । ଏହି ପ୍ରସ୍ତାବରୁ କୌଣସି ବାସ୍ତବତା ନାହିଁ ।

ଗ୍ରାମବାସୀମାନେ କହିଛନ୍ତି ଯେ, ଜମିପାଇଁ ଯେଉଁ ପ୍ରଭାବ ହେବ ଏବଂ ତାର ପ୍ରଶମନ ପାଇଁ ଯେଉଁ ପ୍ରସ୍ତାବ ରହିଛି ତାହା ସଂପୂର୍ଣ୍ଣ ଭାବରେ ତାର ସ୍ପଷ୍ଟତା ନାହିଁ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଜମି କ୍ଷତିର କ୍ଷତିପୂରଣ କରିବା ପାଇଁ କେବଳ ଭୂମି ଅଧିଗ୍ରହଣ ପୁନର୍ବାସ ଏବଂ ପୁନର୍ବାସ ଆଇନ ୨୦୧୩ ଅନୁସାରେ କ୍ଷତିପୂରଣ ଦ୍ୱାରା ହ୍ରାସ କରାଯାଇ ପାରିବ । ଯଦି ଚାଷ ଜମି ଅଟେ ତାହେଲେ ଅବଶିଷ୍ଟ ଜମି ଚାଷ ପାଇଁ ବିକଶିତ କରାଯିବା ଉଚିତ । ଅଧିକାଂଶ ଚାଷ ଜମି ଜଳ ସେଚିତ ଜମି ଥିବାରୁ ପ୍ରକଳ୍ପ କର୍ତ୍ତୃପକ୍ଷ ବଳକା ଅଣଜଳ ସେଚିତ ଜମିର ଜଳ ସେଚନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉଚିତ ବୋଲି ଗ୍ରାମବାସୀମାନଙ୍କ ପକ୍ଷରୁ କୁହାଯାଇଛି ।

ଘର ଜମି ଅଧିଗ୍ରହଣ କ୍ଷେତ୍ରରେ ଯଦି ଅବଶିଷ୍ଟ ଜମି ବିସ୍ଥାପନ ପାଇଁ ଅନୁପଯୁକ୍ତ ହୋଇଯାଏ ତେବେ ମୋଟ ଜମି ପାଇଁ କ୍ଷତିପୂରଣ ପ୍ରଦାନ କରାଯାଇ ପାରେ । ପ୍ରକଳ୍ପ କର୍ତ୍ତୃପକ୍ଷ ଦ୍ୱାରା ପ୍ଲଟର ଏକ ପ୍ରମୁଖ ଅଂଶ ଅଧିଗ୍ରହଣ ପରେ ଏହାର ଗୁରୁତ୍ୱ ହରାଇ ଚାଷ ଜମି ପାଇଁ ସମାନ ବ୍ୟବସ୍ଥା କରାଯାଇ ପାରେ । ଯଦି ସାଧାରଣ ସମ୍ପତ୍ତି ସମ୍ପଦ ଅଧିଗ୍ରହଣ କରାଯାଏ ତେବେ ସିପିଆର, ବ୍ୟବହାର ପାଇଁ ଆଇନଗତ ଭାବରେ ଜମିର ପ୍ରକାର ପରିବର୍ତ୍ତନ କରିବା ପରେ ଯେକୌଣସି ସରକାରୀ ଜମି କିମ୍ବା ଜଙ୍ଗଲ ଜମି ପ୍ରଦାନ କରାଯାଇ ପାରେ ।

ଗ୍ରାମବାସୀମାନେ ପୁଣି କହିଛନ୍ତି ଯେ, ୭୫% ଭାଗ ଲୋକ କୋଇଲା ଖଣିପାଇଁ ଜମି ଅଧିଗ୍ରହଣ ସପକ୍ଷରେ ମତ ଦେବାର କଥା ଯାହା ଉଲ୍ଲେଖ ରହିଛି ତାହା ସଂପୂର୍ଣ୍ଣ ଭାବରେ ଭୁଲ୍ ଅଟେ । ବିଶେଷ କରି ଅନ୍ୟ ଗାଁର ଲୋକ ଯେଉଁମାନେ କ୍ଷତିପୂରଣ ଆଶାରେ ଜମି କିଣିଛନ୍ତି ଏହା ସେମାନଙ୍କର ମତ ହୋଇ ପାରେ । କିନ୍ତୁ ପ୍ରକୃତ ପକ୍ଷରେ ଆଜି ଅନେକ ପରିବାରଙ୍କ ଜମି ଅଧିଗ୍ରହଣ ସପକ୍ଷରେ ମତ ନାହିଁ । ଗାଁର ସମସ୍ତ ସାଧାରଣ ସମ୍ପତ୍ତି ବନ୍ଧ, କଟା, ପୋଖରୀ, ରାସ୍ତାଘାଟ ଗୋଚର ଜମି, ପତିତ ଜମି, ଜଙ୍ଗଲ ଜମି, ଶ୍ମଶାନ ପଦା, ସ୍କୁଲ ଗୃହ, ଅଙ୍ଗନୱାଡି ଇତ୍ୟାଦି ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗ ସତ୍ତ୍ୱେ ଇଡ୍‌କୋ ଦ୍ୱାରା ଅଧିଗ୍ରହଣ ହୋଇ ସାରିଛି । ଏହି ସବୁ ସମ୍ପତ୍ତି ଉପରେ କୋଇଲାଖଣି ହେବ ତା'ହେଲେ ତାକୁ କିପରି ସୁରକ୍ଷା ଦେବା କଥା କୁହାଯାଇଛି ତାହା ବୁଝି ହେଉନାହିଁ । ଭୂମିହୀନମାନଙ୍କୁ ଥଇଥାନ କଲୋନିରେ କେବଳ ୪ ଡି.ସି ଜମି ଘରଡିହ ପାଇଁ ଦିଆଯିବ । ସେମାନଙ୍କର କର୍ମ ସଂସ୍ଥାନ ପାଇଁ କିଛି ନାହିଁ ବୋଲି ସ୍ମାରକପତ୍ରରେ କୁହାଯାଇଛି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସପ୍ତାହବ୍ୟାପୀ ସମ୍ବଲପୁର ମହୋତ୍ସବ ଉଦ୍‌ଯାପିତ















ସମ୍ବଲପୁର : ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଅଇଁଠାପାଲିର ବୀର ବୀର୍ସା ମୈଦାନ (ପିଏଚ୍‌ଡି ପଡ଼ିଆ)ରେ ସପ୍ତାହବ୍ୟାପୀ ଚାଲିଥିବା ସମ୍ବଲପୁର ମହୋତ୍ସବ ଉଦ୍‌ଯାପିତ ହୋଇଛି । ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାହିତ୍ୟ ଆଲୋଚନା କଳାକାର ଓ ଲେଖକଙ୍କୁ ଏକତ୍ରିତ କରିବା ସହ ଜନସାଧାରଣଙ୍କୁ ଭାବର ବନ୍ଧନରେ ବାନ୍ଧି ରଖିବାରେ ସଫଳ ହୋଇଥିଲା । ଉଦ୍‌ଯାପନୀ ଉତ୍ସବ ଅବସରରେ କଣ୍ଠଶିଳ୍ପୀ ପଦ୍ମିନୀ ଦୋରାଙ୍କୁ ଗୁରୁବାରୀ ମିର୍ଦ୍ଧା ସମ୍ମାନ ଓ ଗୁରୁ ରଞ୍ଜନ ସାହୁଙ୍କୁ ଉରକୁଲୁ ଭୋସାଗର ଶ୍ରେଷ୍ଠ ପୁରୁଷ କଳାକାର ସମ୍ମାନ, ନାଟ୍ୟକାର ଓ ଗୀତିକାର ରାମାଶିଷ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା । ଏହାଛଡ଼ା ଡକ୍ଟର ଶଶାଙ୍କ ଶେଖର ପଣ୍ଡା, ଡକ୍ଟର ରାମକୃଷ୍ଣ ପୁରୋହିତ, ମିସ୍ ଟିନ୍(ଓଡ଼ିଶା) ଦେବସ୍ମିତା ସାହୁ, ମିସ୍ ଓଡ଼ିଶା ରାନୀ ଦାଶଙ୍କ ସହ କାର୍ଯ୍ୟକ୍ରମର ସମସ୍ତ ଆବାହକ ଓ କଣ୍ଠଶିଳ୍ପୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ବରଗଡ଼ର ଡାକ୍ତର ରାମକୃଷ୍ଣ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

ଭାରତର ସମୃଦ୍ଧ ଲୋକ, ଜନଜାତି ଏବଂ ସମସାମୟିକ କଳାର ପ୍ରଦର୍ଶନ ଏବଂ ପୁନରୁଦ୍ଧାର କରିବାରେ ଏହି କାର୍ଯ୍ୟକ୍ରମ ଉତ୍ସର୍ଗୀକୃତ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ମହୋତ୍ସବ ଅବସରରେ ଅନୁଷ୍ଠିତ ପ୍ରଦର୍ଶନୀ ଏବଂ ମୀନାବଜାର ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମ ଅବସରରେ ସଂଯୋଜକ ଡକ୍ଟର ସପନ ମିଶ୍ର, ସାଧକଶ୍ରୀ ସଦାନନ୍ଦ ପଣ୍ଡା, କାର୍ତ୍ତିକ ପ୍ରସାଦ ବହିଦାରଙ୍କ ସହ ଆୟୋଜକ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ କାର୍ଯ୍ୟକ୍ରମର ଆଲୋଚନା, କର୍ମଶାଳା ଓ କବିତାପାଠୋତ୍ସବ କମିଟିର ଆବାହକ ମାନସ କୁମାର ଷଡ଼ଙ୍ଗୀଙ୍କ ପରିଚାଳନା ଓ ଡକ୍ଟର ଶଶାଙ୍କ ପଣ୍ଡାଙ୍କ ଅଧକ୍ଷତାରେ ହୋଇଥିବା 'ପଶ୍ଚିମାଞ୍ଚଳର ଏକତା: ସମସ୍ୟା ଆର୍ ସମାଧାନ' ଶୀର୍ଷକ ଆଲୋଚନାଚକ୍ରରେ ସାହିତ୍ୟିକ ଉତ୍ପନ୍ନ ଭୋଇ, ଅଧାପକ ମୋହନ ସାହୁ, ସାମାଜିକ ଓ ସାଂସ୍କୃତିକ କର୍ମୀ ଶ୍ୟାମା ଓମ ପ୍ରସାଦ ମିଶ୍ର, ରତ୍ନଭୂଷଣ ପୃଷେଠ, ଗୋପୀନାଥ ଷଡ଼ଙ୍ଗୀ, ଅନୁପମା ବିଶ୍ୱାଳ, ବିଦ୍ୟାର୍ଣ୍ଣୀ ପଣ୍ଡା, ଜଗଦିଶ ସାହୁ, ଭବାନୀଶଙ୍କର ମେହେର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଡକ୍ଟର ପ୍ରଦୀପ ନାଥ ଓ କାର୍ତ୍ତିକ ପ୍ରସାଦ ବହିଦାର ଏଥିରେ ସମୀକ୍ଷକ ଭାବେ ଯୋଗ ଦେଇଥିବା ବେଳେ ଅଧାପକ ତୁଷାର ରଂଜନ ବାରିକ ଧନ୍ୟବାଦ ଦେଇଥିଲେ ।

ସେହିପରି ମାନସ ରଞ୍ଜନ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ସମ୍ବଲପୁରୀ ସାହିତ୍ୟ ଉତ୍ସବରେ ସୁନ୍ଦରଗଡ଼ର ଦୁର୍ଗା ମାଧବ ପଣ୍ଡା, ଝାରସୁଗୁଡ଼ାର ବଳଦେବ ଦୀକ୍ଷିତ ଓ କ୍ଷୀରୋଦ କୁଅଁର , ବଲାଙ୍ଗୀରର ଆନନ୍ଦ ଚନ୍ଦ୍ର ସାହୁ ଓ ବରଗଡ଼ର ତେଜରୁ ବାରିଗ ପ୍ରମୁଖ ଯୋଗଦେଇ ସମ୍ବଲପୁରୀ କବିତା, କାହାଣୀ ଓ ନାଟକ ଉପରେ କହିଥିଲେ । ସେହିପରି ସମ୍ବଲପୁରୀ କବିତା ପାଠ, କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ, ସୁଆଦ ସମ୍ବଲପୁରୀ, ଝୋଟି-ରଙ୍ଗୋଲି ଭଳି କାର୍ଯ୍ୟକ୍ରମ ଏବଂ ଲାଇଭ୍ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛତିଶଗଡ଼ର ପ୍ରସିଦ୍ଧ ସୁଫି ଗାୟକ ପଦ୍ମଶ୍ରୀ ଡକ୍ଟର ଭାରତୀ ବନ୍ଧୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହାଛଡ଼ା ବିବିନ୍ନ ଦିବସରେ ସାସ୍କୃତିକ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେଇଥିଲେ ।

## ଝାରସୁଗୁଡ଼ାରେ ଏକତା ର୍ୟାଲି



ଝାରସୁଗୁଡ଼ା: ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ସ୍ଥାନୀୟ ମନମୋହନ ଏମଇ ସ୍କୁଲ ପଡିଆରୁ ଏକତା ର୍ୟାଲି ବାହାରି ଏମସିଏଲ ଅଡିଟୋରୀୟମରେ ପହଞ୍ଚି ଥିଲା । ଏହି ର୍ୟାଲିରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ଜିଲ୍ଲା ପ୍ରଶାସନର ଅଧିକାରୀ, ସ୍କୁଲର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଯୋଗ ଦେଇ ଦେଶକୁ ଏକତାର ସୂତ୍ରରେ ବାନ୍ଧିବାକୁ ସର୍ଦ୍ଦାର ବଲ୍ଲଭ ଭାଇ ପଟଲଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ ।



## ବିଧାୟକଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ



ଝାରସୁଗୁଡା : କିର୍ମିରା ବ୍ଲକରେ ବିଧାୟକ ଟଙ୍କଧର ତ୍ରିପାଠୀ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏଥିରେ କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ବିଲଡିଂ ନିର୍ମାଣ ପାଇଁ ୧୬ କୋଟି ୭୯ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ସେହିପରି କିର୍ମିରା ଠାରୁ ବାଗଡିହି ଭାୟା ନକ୍ସାପାଲି ରାସ୍ତାରେ ୭୬୦.୮୫ ଲକ୍ଷ ବ୍ୟୟ ଅଟକଳରେ ଏକ ବ୍ରିଜ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି । ସେହିପରି ବାଗଡିହି ଠାରୁ ଖଡ଼ିଆମାଳ ରାସ୍ତାର ଉନ୍ନତିକରଣ ପାଇଁ ୧୨୭୧.୩୯ ଲକ୍ଷ ଟଙ୍କା ରଖାଯାଇଛି । କିର୍ମିରା ବ୍ଲକରେ ଅନୁଷ୍ଠିତ ଏହି ଉନ୍ନୟନ ମୂଳକ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଡାକ୍ତର ଘନଶ୍ୟାମ ସୋରେନ, ପିଡବ୍ଲୁଡି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ ପଟେଲ, ବିଡ଼ିଓ ଅବିନାଶ ଲାକ୍ରା, ସରପଞ୍ଚ ସନ୍ତୋଷିନୀ ପଟେଲ, ଏସଡିଓ ଆଶିଷ ଲେଙ୍କା, କନିଷ୍ଠ ଯନ୍ତ୍ରୀ ତାପସ ନାୟକ, ବିଧାୟକ ପ୍ରତିନିଧି ବିଜୟ ଶର୍ମା, କିର୍ମିରା ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ, ଯାମିନୀକାନ୍ତ ନାୟକ, ବାଲୁଲାଲ କିସାନ, ଝସକେତନ ପ୍ରଧାନ, ଅଂଶୁଳ ଅଗ୍ରୱାଲ, ସନ୍ଦୀପ ପଟେଲ, ବିଶ୍ୱଜିତ ଧୂରୁଆ, ଦିଲେଶ୍ୱର ମାଝୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ବରଗଡ଼ ଧନୁଯାତ୍ରାର କଂସ ଚରିତ୍ର ପାଇଁ ସୁଶିଲ ମେହେର ମନୋନୀତ

ବରଗଡ଼: ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଏଥର ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମର ସୁଶିଲ ମେହେର କଂସ ଅଭିନେତା ଭାବେ ମନୋନୀତ ହୋଇଛନ୍ତି । ସେହିପରି ପ୍ରଭାସ କୁମାର ତ୍ରିପାଠୀ ମୁଷ୍ଟିକ, ହିମାଂଶୁ ସାହୁ ଚାଣୁର, ଆର୍ତ୍ତତ୍ରାଣ ମହାପାତ୍ର ଉଗ୍ରସେନ, କାମରାଜ ଭୋଇ ନାରଦ, ମନୋଜ ସାହୁ ବସୁଦେବ, ଜଗନ୍ନାଥ ସାହୁ ଅକ୍ରୁର, ଜଗବନ୍ଧୁ ମହାଲିଙ୍ଗ ସାର୍ତ୍ତୀ, ଅମ୍ବାଭୋନାର ହେମନ୍ତ ପ୍ରଧାନ ସେନାପତି, ଗୁଲାବ ଚନ୍ଦ୍ର ଦାଶ ମହାମନ୍ତ୍ରୀ, ମୁଗ୍ଧା ଦାଶ ଦେବକୀ ଚରିତ୍ର ପାଇଁ ଚୟନ ହୋଇଛନ୍ତି । ଧନୁଯାତ୍ରା ମହୋତ୍ସବ ସମିତି ଉପସଭାପତି ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏହା ଘୋଷଣା କରିଛନ୍ତି । ଘୋଷଣା ସମୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶର ଶତପଥୀ ମଧ ଉପସ୍ଥିତ ଥିଲେ । ଆସନ୍ତା ଡିସେମ୍ବର ମାସ ୨୪ ତାରିଖରୁ ଦୀର୍ଘ ୧୧ଦିନ ବ୍ୟାପୀ ଆସନ୍ତା ୨୦୨୬ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra